**ଏଡ୍ସ ସଚେତନତା କାର୍ଯ୍ୟକ୍ରମ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ସାମାଜିକ ସଙ୍ଗଠନ ଶାଖା ଓ ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ସଦସ୍ୟା ସଦସ୍ୟ ଏଡ୍ସ ସମ୍ବନ୍ଧରେ ମତ ରଖିବା ସହ ଲୋକମାନଙ୍କୁ ସଚେତନ କରାଇଥିଲେ। ପରେ ଏଡ୍ସ ଲୋଗୋ ପ୍ରତିସ୍ଥାପନ କରି ମହମବତି ଜାଳିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମୀରା ପରିଡ଼ା, ପ୍ରଦୀପ ପୃଷ୍ଟି, ମଧୁସ୍ମିତା ପୃଷ୍ଟି, ବୁଲବୁଲ ମହାନ୍ତି, ସତ୍ୟନାରାୟଣ ନନ୍ଦ, ରାକେଶ ପାତ୍ର, ପ୍ରଭୁଦତ୍ତ ମହାପାତ୍ର, ରଶ୍ମିତା ମାନସିଂହ, ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଗାନ୍ଧୀବାଦୀ ସମ୍ମିଳନୀ, ରାଜ୍ୟ ସ୍କାଟଉଟ ଓ ଗାଇଡ୍ କାର୍ଯ୍ୟାଳୟ ପରିସର, କ୍ୟାପିଟାଲ ହାଇସ୍କୁଲ ନିକଟ, ଅପରାହ୍ନ ୫ଟା ୩୦।

## ସଂକ୍ଷେପରେ

### ଜିଲା ଯୋଜନା କମିଟି ସଭାପତି ହେଲେ ବିଧାୟକ ରାଜେନ୍ଦ୍ର ସାହୁ

**ଖୋର୍ଦ୍ଧା ଅଫିସ,୩୦।୧୧:** ଖୋର୍ଦ୍ଧା ଜିଲା ଯୋଜନା କମିଟି ସଭାପତି ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ମଙ୍ଗଳବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶ ଯେ, ପୂର୍ବରୁ ଏହି ଦାୟିତ୍ୱରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ରହିଥିଲେ। ସେପ୍ଟେମ୍ବର ୮ରେ ବାଲୁଗାଁ ଭାଜପା ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଓ ଜାତିଆଣ ଆକ୍ଷେପ ଘଟଣାରେ ତାଙ୍କ ବିରୋଧରେ ଥାନାରେ ମାମଲା ହୋଇଥିଲା। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବନ କରିବା ସହ ଜିଲା ଯୋଜନା କମିଟି ସଭାପତି ପଦରୁ ହଟାଇ ଦେଇଥିଲେ।

### ୩ ଗ୍ରାମର ୧୦୦ ପରିବାର ପାଇବେ ବିଶୁଦ୍ଧ ପାନୀୟଜଳ

**ବାଲିଅନ୍ତା,୩୦।୧୧(ଡି.ଏନ୍.ଏ):** ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ କଣ୍ଟିବରାଇ ଓ ବେଡେଣ୍ଡା ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ମୁଖ୍ୟ ଅତିଥି ରୂପେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଯୋଗଦେଇ ଏହାର ଶୁଭ ଅନୁକୂଳ କରିଛନ୍ତି। ଏଥିପାଇଁ ୬୮ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ୨ଟି ଗ୍ରାମର ୮୦ଟି ପରିବାର ଓ କୂଳ ସାହିର ୨୦ଟି ପରିବାର ପାଇଁ ପାନୀୟ ଜଳ ଯୋଗାଣ ହେବ। ଦୀର୍ଘ ୧୦ ମାସ ହେଲା ପ୍ରକଳ୍ପ ପାଇଁ ଟେଣ୍ଡର ସରିଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ଏହି ୩ଟି ଗ୍ରାମର ୧୦୦ଟି ପରିବାର ଲୋକ କୂପରୁ ପାଣି ପିଉଛନ୍ତି ବୋଲି ଗ୍ରାମର ଭାଗବତ ପରିଡା ଓ ଦେବେନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି। ଏଥିରେ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ଭାଗ୍ୟଲକ୍ଷ୍ମୀ ମିଶ୍ର, ଅମରେନ୍ଦ୍ର ପଟ୍ଟନାୟକ ଏବଂ ପ୍ରତାପରୁଦ୍ରପୁର ସରପଞ୍ଚ ବାମନ ଚରମ ଭୋଇ ଉପସ୍ଥିତ ଥିଲେ।

### ମହିଳାଙ୍କ ଉପରେ ହିଂସା ସମାଜ ପାଇଁ ସତର୍କ ଘଣ୍ଟି

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ):** ବୁଦ୍ଧମନ୍ଦିର ଠାରେ ଆୟୋଜିତ ଲୁଥେରାନ ବିଶ୍ୱ ସେବା ସଂସ୍ଥା ଭାରତ ପକ୍ଷରୁ ମହିଳା ହିଂସା ବିରୋଧି ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସାମାଜିକ କର୍ମୀ ଉଷାରାଣୀ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ଆୟୋଗର ସଭ୍ୟା ସ୍ନେହାଞ୍ଜଳି ମହାନ୍ତି ଯୋଗଦେଇ ମହିଳାଙ୍କ ଉପରେ ହିଂସା ବଢ଼ିଚାଲିଥିବା ସଭ୍ୟ ସମାଜ ପାଇଁ ସତର୍କଘଣ୍ଟି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜାତୀୟ ମାନବାଧିକାର କମିଶନ କୋର୍ ସଦସ୍ୟ ମନୋଜ ଜେନା ଯୋଗଦେଇଥିଲେ। ୧୮୧ ମହିଳା ସହାୟତା କେନ୍ଦ୍ରର ରାଜ୍ୟ ସଂଯୋଜିକା ପ୍ରଜ୍ଞା ପାରମିତା ବସ୍ତିଆ, ସଖି ସେଣ୍ଟର ସଂଯୋଜିକା ସୋମା ପାଇକରାୟ, ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ରାଜ୍ୟ ସଂଯୋଜକ ରାଜୀବ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେବା ସଂସ୍ଥା ଭାରତ, ଭୁବନେଶ୍ୱର ପ୍ରକଳ୍ପ ସଂଯୋଜିକା ପୀୟୁଷ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସହ ସଂଯୋଜିକା ଗୀତାଞ୍ଜଳି ମହାନ୍ତି ସଭା ପରିଚାଳନା କରିଥିଲେ। ମହିଳା ହିଂସା ବିରୋଧୀ ସଂଗଠନର ଅଧକ୍ଷା କୁନିଲତା ମହାରଣା ଓ ସମ୍ପାଦିକା ମଞ୍ଜୁଲତା କର ସଂଗଠନ ବିଷୟରେ କହିଥିଲେ। ମହିଳା ସଶକ୍ତିକରଣ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିଥିବା ବିଭିନ୍ନ ବ୍ୟକ୍ତି ଓ ସଂଗଠନକୁ ପୁରସ୍କୃତ କରାଯାଇଥିଲା।

# ୧୭. ୭୯ କୋଟିର ପ୍ରକଳ୍ପ ଅନୁମୋଦିତ

## 'ମୋ ସ୍କୁଲ୍' ଅଭିଯାନ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

- ଯୋଡ଼ିହେଲେ ୬.୧୬ ଲକ୍ଷ ପୁରାତନ ଛାତ୍ରୀଛାତ୍ର
- ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରଣ ହେବ ୩୩୬୫ ସ୍କୁଲ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

'ମୋ ସ୍କୁଲ୍ ଅଭିଯାନ'ର ୩୦ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ୨୩ଟି ଜିଲାର ମୋଟ ୧୭ କୋଟି ୭୯ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ୧ ମାସ ମଧ୍ୟରେ ୯ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ି ହୋଇଥିବାବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୪ କୋଟି ୨୮ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୬ ଲକ୍ଷ ୧୬ ହଜାର ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ୍ ଅଭିଯାନ'ରେ ସାମିଲ ହୋଇଛନ୍ତି। ଅନ୍ୟପଟେ ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ 'ମୋ ସ୍କୁଲ୍ ଅଭିଯାନ'କୁ ୧କୋଟି ୬୬ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ଆସିଛି। ପୁରାତନ ଛାତ୍ରୀଛାତ୍ର ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ୍ ୧୭ କୋଟି ୭୯ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି।

ରାଜ୍ୟ ସରକାରଙ୍କ ୫-ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟରେ ମୋଟ୍ ୩୩୬୫ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ଆବଶ୍ୟକ ଆର୍ଥିକ ସହାୟତା ତୁରନ୍ତ ଯୋଗାଇଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲାପାଳମାନଙ୍କୁ ଆଡ୍‌ଭାଇଜରି ଜାରି କରାଯାଇଛି। ଭିତ୍ତିଭୂମି ଓ ଶୈକ୍ଷିକ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଇ-ଲାଇବ୍ରେରି ଏବଂ ସାଇନ୍ସ ଲାବୋରୋଟୋରି ପରିଚାଳନା ପାଇଁ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଦିଆଯିବ। ସେହିପରି ଟାସ୍କଫୋର୍ସ ପରାମର୍ଶ କାର୍ଯ୍ୟକାରୀ କ୍ଷେତ୍ରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବାକୁ 'ମୋ ସ୍କୁଲ୍' କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟନିର୍ବାହୀ ପରିଷଦ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବାବେଳେ ଛାତ୍ରୀଛାତ୍ରଙ୍କ ପଢ଼ିବା ଅଭ୍ୟାସ ବଜାୟ ରଖିବା ଏବଂ ସେମାନଙ୍କୁ ପୁସ୍ତକ ପ୍ରତି ଆକୃଷ୍ଟ କରିବାକୁ 'ମୋ ସ୍କୁଲ୍' ପକ୍ଷରୁ ୧୬ଟି ଜିଲାର ୧,୧୫୧ ସେଣ୍ଟରରେ ଲର୍ନିଂ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୩୦ଟି ଜିଲାର ୩,୮୪୯ଟି ସେଣ୍ଟରରେ ଏହି କ୍ୟାମ୍ପର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।



୫ ଦଫା ଦାବିରେ ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାର ବିଧାନସଭା ଆଗରେ ଧାରଣା ଦିଆଯାଇଛି।

# ୧ କୁଇଣ୍ଟାଲ ୪୨ କେଜି ଗଞ୍ଜେଇ ଜବତ, ୪ ଗିରଫ

### ଟ୍ରେନ୍‌ରେ ଚାଲାଣ ବେଳେ ଧରିଲା ଜିଆର୍‌ପି

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ବେଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ମଙ୍ଗଳବାର ଜିଆର୍‌ପି ଜଣେ ଯୁବତୀଙ୍କ ସମେତ ୪ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ବିହାର ଓ ଝାଡ଼ଖଣ୍ଡ ରାଜ୍ୟର ସଞ୍ଜୟ ସିଂ(୨୫), ବିନୋଦ ସିଂ(୨୬), ସୁଧା ଦେବୀ(୨୭), ଭୀମ ଖେମୁଣ୍ଡା(୨୮)। ଏମାନଙ୍କ ନିକଟରୁ ୧୪ ଲକ୍ଷ ଟଙ୍କାର ୧ କୁଇଣ୍ଟାଲ ୪୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏମାନଙ୍କ ନାମରେ ଜିଆର୍‌ପି ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୧୧୩/୨୧) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଜିଆର୍‌ପି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ୍ କହିଛନ୍ତି। ଅଭିଯୁକ୍ତମାନେ ରାଞ୍ଚି ଓ ଟାଟା ନଗର ଅଞ୍ଚଳରେ ଏହି ଗଞ୍ଜେଇ ବିକ୍ରି କରିଥାନ୍ତେ ବୋଲି ପୋଲିସକୁ କହିଛନ୍ତି। ତେବେ ଏମାନେ କେତେ ଦିନ ହେଲା ଏହି କାରବାର କରୁଛନ୍ତି, କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଏଭଳି ବିଭିନ୍ନ ଦିଗକୁ ନେଇ ଜିଆର୍‌ପି ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ସୋମବାର ସନ୍ଧ୍ୟାରେ ୧୪ଟି ଲଗେଜ୍‌ରେ ଗଞ୍ଜେଇ ଭର୍ତ୍ତି କରି ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଅଭିମୁଖେ ଆସିଥିଲେ। ମଙ୍ଗଳବାର ସକାଳେ ସେମାନେ ଟ୍ରେନ୍‌ରୁ ଓହ୍ଲାଇ ୨ ନମ୍ବର ପ୍ଲାଟଫର୍ମରେ ଅନ୍ୟ ଏକ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଜିଆର୍‌ପି ଖବର ପାଇ ଚଢ଼ାଉ କରିଥିଲା।

# ଖସିଗଲେ ଅନ୍ତର୍ଜାତୀୟ ବ୍ରାଉନସୁଗାର ବେପାରୀ

### ପଶ୍ଚିମବଙ୍ଗରେ ଓଡ଼ିଶା ଏସ୍‌ଟିଏଫ୍‌ର ଚଢ଼ାଉ

- ଶୋଇବା ଘରୁ ମିଳିଲା ୪୦ ଲକ୍ଷର ବ୍ରାଉନସୁଗାର

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପଶ୍ଚିମବଙ୍ଗ ପୋଲିସ ସହାୟତାରେ ଅନ୍ତର୍ଜାତୀୟ ବ୍ରାଉସୁଗାର ବେପାରୀଙ୍କ ଘରେ ଚଢ଼ାଉ କରିଛି। ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ଲାଲ୍‌ଗୋଲା ଥାନା ଚମକ୍‌ପୁର ଗ୍ରାମରେ ଅଭିଯୁକ୍ତ ସେଖ୍ ଇସ୍‌ମାଇଲଙ୍କ ଘର ଉପରେ ସୋମବାର ବିଳମ୍ବିତ ରାତିରେ ଚଢ଼ାଉବେଳେ ସେ ଖସି ପଳାଇଯିବାରେ ସମର୍ଥ ହୋଇଛନ୍ତି। ଇସ୍‌ମାଇଲ ଓଡ଼ିଶା ଏସ୍‌ଟିଏଫ୍ ପାଇଁ ୱାଣ୍ଟେଡ ଥିଲେ। ତାଙ୍କ ବେଡ୍ ରୁମ୍ (ଶୋଇବା ଘରୁ)ରୁ ୩୧୦ ଗ୍ରାମର ବ୍ରାଉନସୁଗାର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଏନେଇ ଲାଲଗୋଲା ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୭୯୬/୨୧) ରୁଜୁ ହୋଇଛି। ତେବେ ଇସ୍‌ମାଇଲ କେତେଥର ଓଡ଼ିଶା ଆସିଛନ୍ତି, ତାଙ୍କ ଲିଙ୍କ୍‌ରେ ଓଡ଼ିଶାରେ କେଉଁମାନେ ଏଜେଣ୍ଟ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି। ଅପରପକ୍ଷରେ ସ୍ଥାନୀୟ ପୋଲିସ ଅଭିଯୁକ୍ତ ଇସ୍‌ମାଇଲ୍‌ଙ୍କୁ ଧରିବାକୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୩ରେ ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ପେଟ୍ରୋଲ ପମ୍ପ ପାଖରେ ଏସ୍‌ଟିଏଫ୍ ଚଢ଼ାଉ କରି ମନୋରଞ୍ଜନ ଦାସ ନାମକ ଏକ ବ୍ରାଉନ୍‌ସୁଗାର ଏଜେଣ୍ଟଙ୍କୁ ଗିରଫ କରିଥିଲେ। ତାଙ୍କଠୁ ୧କେଜି ୩୪ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଏସ୍‌ଟିଏଫ୍ ତାଙ୍କୁ ପଚରାଉଚରା କରିବା ପରେ ସେ ଲାଲ୍‌ଗୋଲାର ଇସ୍‌ମାଇଲ୍‌ଙ୍କ ନିକଟରୁ ବ୍ରାଉନସୁଗାର ଆଣିଥିଲେ ବୋଲି କହିଥିଲେ। ମନୋରଞ୍ଜନଙ୍କ ନିକଟରୁ ଅଭିଯୁକ୍ତ ଇସ୍‌ମାଇଲ୍‌ଙ୍କ ଘର ଠିକଣା ଏସ୍‌ଟିଏଫ୍ ଆଣି ପଶ୍ଚିମବଙ୍ଗ ପୋଲିସ ସହ ଯୋଗାଯୋଗ କରିଥିଲା। ଏହି ମାମଲାରେ ଏସ୍‌ଟିଏଫ୍ ଉଭୟଙ୍କ ନାମରେ ମାମଲା (ନଂ. ୩୧/୨୧) ରୁଜୁ କରି ଇସ୍‌ମାଇଲ୍‌ଙ୍କୁ ଧରିବାକୁ ଏସ୍‌ଟିଏଫ୍ ନିୟମିତ ପଶ୍ଚିମବଙ୍ଗ ପୋଲିସ ସହ ଯୋଗାଯୋଗ କରୁଥିବାବେଳେ ସେ ସୋମବାର ଘରେ ଥିବା ଜାଣିବାକୁ ମିଳିଥିଲା। ତୁରନ୍ତ ଏସ୍‌ଟିଏଫ୍‌ର ଏକ ଟିମ୍ ଲାଲ୍‌ଗୋଲା ପୋଲିସ ସହାୟତାରେ ସୋମବାର ବିଳମ୍ବିତ ରାତିରେ ତାଙ୍କ ଘରକୁ ଘେରିଯାଇଥିଲେ। ହେଲେ ଏହା ପୂର୍ବରୁ ସୂଚନା ପାଇ ଇସ୍‌ମାଇଲ୍ ଘରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଏସ୍‌ଟିଏଫ୍ ଟିମ୍ ଘରେ ଚଢ଼ାଉ କରିବା ସହ ସ୍ଥାନୀୟ ଲୋକ ଓ ପରିବାର ଲୋକଙ୍କୁ ପଚରାଉଚରା କରି ଫେରି ଆସିଥିଲା।

# 'ଇଙ୍କ୍ ଫ୍ରମ୍ ନାଇଟ୍ ସ୍କାଇଜ୍' ଉନ୍ମୋଚିତ


'ଇଙ୍କ୍ ଫ୍ରମ୍ ନାଇଟ୍ ସ୍କାଇଜ୍'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ଯୁବକବି ମହିମା ସେଠୀଙ୍କ କବିତା ସଙ୍କଳନ 'ଇଙ୍କ୍ ଫ୍ରମ୍ ନାଇଟ୍ ସ୍କାଇଜ୍'କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ୧୧୦ଟି କବିତା ରହିଛି। ଜୀବନ ସହିତ ମାନବୀୟ ସମ୍ପର୍କ, ବ୍ରହ୍ମାଣ୍ଡର ଜଡ଼ବସ୍ତୁ ତଥା ଅପାର୍ଥିବ ବିଭବ ସମ୍ପର୍କରେ ମହିମାଙ୍କ ଭାବନା ଏହି ପୁସ୍ତକରେ ପ୍ରତିଫଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିମାଙ୍କୁ ଅଭିନନ୍ଦନ ଜଣାଇବା ସହ ସୃଜନଶୀଳତାରେ ଅଧିକ ସଫଳତା କାମନା କରିଥିଲେ। ଉଲ୍ଲେଖଯୋଗ୍ୟ, ମୁମ୍ବାଇ ଆଇଆଇଟିରୁ ବିଟେକ୍ କରିଥିବା ମହିମାଙ୍କର ଏହା ପ୍ରଥମ କବିତା ପୁସ୍ତକ।

## ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ନିର୍ମାଣ ଶ୍ରମିକଙ୍କ ୧୫ଦଫା ଦାବି ନେଇ ନିଖିଳ ଭାରତ ନିର୍ମାଣ ଶ୍ରମିକ ମହାସଂଘ ଏବଂ ଏଆଇସିସିଟିୟୁ ପକ୍ଷରୁ ମଙ୍ଗଳବାର ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ନିର୍ମାଣ ଶ୍ରମିକମାନେ କେଶରୀ ଟକିଜ ନିକଟରୁ ଏକ ଶୋଭାଯାତ୍ରାରେ ଯାଇ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିର୍ମାଣ ଶ୍ରମିକଙ୍କୁ କରୋନା ସହାୟତା, ଦୈନିକ ମଜୁରି ୧ହଜାର ଟଙ୍କା, ନୂଆ ଶ୍ରମକାର୍ଡ ପଞ୍ଜୀକରଣ, କାର୍ଯ୍ୟକ୍ଷେତ୍ରରେ ମହିଳା ଶ୍ରମିକଙ୍କୁ ସୁରକ୍ଷା, ଜିଡିପିର ୧% ସେସ୍ ଆକାରରେ ଦେବା, ଘର, ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ ଦାବିରେ ଯୁଗ୍ମ ଶ୍ରମ ଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକମାନେ ନିଜ ଅଧିକାର ପାଇଁ ଆନ୍ଦୋଳନ ଜାରି ରଖିବାକୁ ଏଆଇସିସିଟିୟୁ ସଭାପତି ରାଧାକାନ୍ତ ସେଠୀ ଆହ୍ୱାନ ଦେଇଥିଲେ। ବିକ୍ଷୋଭରେ ଏଆଇସିସିଟିୟୁ ଉପସଭାପତି ବଂଶୀଧର ପରିଡ଼ା, ମାନସ ରଞ୍ଜନ ପ୍ରଧାନ, ଅଣସଂଗଠିତ ଶ୍ରମିକ ମଞ୍ଚ ସଭାପତି ଜୋସେଫ ମିଶ୍ର, ପ୍ରକାଶ ସାମଲ, ଏଆଇସିଡବ୍ଲ୍ୟୁଏଫ୍‌ର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

## ଆଉ ଜଣେ ଅଭିଯୁକ୍ତ ଗିରଫ

### ୧.୨ କୋଟି ଠକେଇ ଘଟଣା

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ବହୁଗୁଣ କରିଦେବାକୁ କହି ନିବେଶକଙ୍କଠାରୁ ୧.୨ କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳର ଅରବିନ୍ଦ କୁମାର। ତାଙ୍କୁ ଇଓଡବ୍ଲ୍ୟୁ ମଙ୍ଗଳବାର କଟକ ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ଅଭିଯୁକ୍ତ ଶରତ ପରିଡ଼ା, ଦେବବ୍ରତ ହରିଚନ୍ଦନ, ଚନ୍ଦନ ମଲ୍ଲିକ ଏବଂ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ତେବେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାବେଳେ ଏହି ମାମଲାର ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ହଂକଂର ମଲଟିଲେବଲ ମାର୍କେଟିଂ କମ୍ପାନୀ ଏମ୍/ଏସ୍. କ୍ୟୁ-ନେଟ୍ ଲିମିଟେଡ୍‌ର ଫ୍ରାଞ୍ଚାଇଜ ଭାରତରେ ଏମ୍/ଏସ୍. ବିହାନ ଡାଇରେକ୍ଟ ସେଲିଂ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍। ଅଭିଯୁକ୍ତମାନେ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏମାନେ ବେଆଇନ ଟଙ୍କା କାରବାର କରିବା ସହ ପ୍ରାୟ ୩୧ଜଣ ନିବେଶକଙ୍କଠାରୁ ୧.୨ କୋଟି ଟଙ୍କା ଆଣି ଫେରାଇ ନ ଥିଲେ। ମାତ୍ର ସେମାନଙ୍କୁ ଆଉ ଟଙ୍କା ଫେରାଇ ନ ଥିଲେ। ଏନେଇ ଇଓଡବ୍ଲ୍ୟୁରେ ଅଭିଯୋଗ ହୋଇଥିଲା। ୨୦୧୯ ସେପ୍ଟେମ୍ବରରେ ଇଓଡବ୍ଲ୍ୟୁ ଏକ କେସ୍ ରୁଜୁ କରିଥିଲା।

## ଚତୁର୍ଥ ଗୀତାଞ୍ଜଳି ଏକ୍ସିଲେନ୍ସି ଆୱାର୍ଡ

**ବାଳକାଟି,୩୦।୧୧(ଡି.ଏନ୍.ଏ)**

ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ଗୀତାଞ୍ଜଳି ଏକ୍ସିଲେନ୍ସି ଆୱାର୍ଡ-୨୦୨୧ ଉତ୍ସବ ସ୍ଥାନୀୟ ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ସଦ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ କହିଲେ, ଯୁବପିଢିଙ୍କ କାର୍ଯ୍ୟ ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଗଲେ ସେମାନେ ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ସମ୍ମାନିତ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଆୟକର ବିଭାଗର ପୂର୍ବତନ ପ୍ରିନ୍ସିପାଲ କମିଶନର ଶରତ ଦାସ, ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ସିଏ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକଙ୍କ ସମେତ ୨୫ଜଣ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯାଇଛି। ଅଧକ୍ଷ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ କରିଥିଲେ।

# ଜୟଶ୍ରୀ ମଲ୍ଲିକ, ବିପିନ ସ୍ୱାଇଁଙ୍କୁ 'ଶହୀଦ ଦିବାକର ପରିଡ଼ା ସ୍ମୃତି ସମ୍ମାନ'

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଶହୀଦ ହୋଇଥିବା ଦିବାକର ପରିଡ଼ାଙ୍କ ୧୧୧ତମ ଜୟନ୍ତୀ ମଙ୍ଗଳବାର ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ହଟନାଥ ମଙ୍ଗରାଜ, ଧର୍ମଗଡ଼ ବିଧାୟକ ମହୌଷଧି ବାଗ, ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଯୋଗଦେଇଥିଲେ। ଅତିଥିମାନେ ଶହୀଦ ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଶହୀଦ ଦିବାକର ରଣପୁର ପ୍ରଜା ଆନ୍ଦୋଳନର ମହାନ କାଣ୍ଡାରୀ ଥିଲେ। ଅସୀମ ବୀରତ୍ୱ, ଦେଶଭକ୍ତି, ବ୍ରିଟିଶ ବିରୋଧରେ ସଂଗ୍ରାମ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା। ଆଜିର ଯୁବପିଢ଼ି ତାଙ୍କ ଆଦର୍ଶ ଅନୁସରଣ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାରସ୍ୱତ ସାଧିକା ଡ. ଜୟଶ୍ରୀ ବାଳା ମଲ୍ଲିକ ଓ ସଙ୍ଗୀତଜ୍ଞ ବିପିନ ବିହାରୀ ସ୍ୱାଇଁଙ୍କୁ 'ଶହୀଦ ଦିବାକର ପରିଡ଼ା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ସଚିବାଳୟର ୬୦ ବର୍ଷ ଉପରେ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

ଲୋକସେବା ଭବନ (ସଚିବାଳୟ)ର ୬୦ ବର୍ଷ ଉପରେ ଏକ ପୁସ୍ତକ 'ହୋୟାର ପିପୁଲ ମ୍ୟାଟର'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚିତ କରିଛନ୍ତି। ୧୯୫୯ ନଭେମ୍ବରରେ ଉଦ୍‌ଘାଟିତ ହୋଇଥିବା ଲୋକସେବା ଭବନର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହା ହେଉଛି ଏକ ସ୍ମରଣୀୟ ସଂସ୍କରଣ।

ଫଟୋଗ୍ରାଫ୍ ମାଧ୍ୟମରେ ଉପଲବ୍ଧ ସେବା ଓ ସୁବିଧା, ସମୃଦ୍ଧ ସ୍ଥାପତ୍ୟ, ସୁନ୍ଦର ବଗିଚା, ଇତିହାସ ଉପରେ ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଲୋକସେବା ଭବନରୁ ଡିଜାଇନ୍ ଓ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏହା ଏକ ଶ୍ରଦ୍ଧାଞ୍ଜଳି। ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ସ୍ପନସରଶିପ୍ ଦ୍ୱାରା ଏହା ପ୍ରକାଶନ ହୋଇଛି। ପବ୍ଲିକ୍ ରିଲେଶନ୍ ସୋସାଇଟି ଅଫ୍ ଇଣ୍ଡିଆ (ପିଆରଏସ୍‌ଆଇ) ପକ୍ଷରୁ ଏହାକୁ ପ୍ରକାଶିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକାଶନକୁ ପ୍ରଶଂସା କରିବା ସହ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ଡକ୍ୟୁମେଣ୍ଟେଶନ୍ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୁସ୍ତକ ଲୋକାର୍ପଣ ଅବସରରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍, ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୁସ୍ତକ ପାଇଁ ବ୍ୟବହୃତ କାଗଜ ଜଙ୍ଗଲକୁ କ୍ଷତି ନ ପହଞ୍ଚାଇ କରାଯାଇଥିବା ଜର୍ମାନୀଭିକ ଫରେଷ୍ଟ ଷ୍ଟିୱାର୍ଡଶିପ୍ କାଉନ୍‌ସିଲ (ଏଫ୍ଏସ୍‌ସି) ପ୍ରମାଣ ଦେଇଛି। ଇ-ବୁକ୍ ପାଇଁ ଗୁଗୁଲ ଓ ଆମାଜନ୍‌କୁ ଏହି ପ୍ରକାଶନ ଦାଖଲ କରାଯାଇଛି। ଖୁବଶୀଘ୍ର ବିନା ମୂଲ୍ୟରେ କିମ୍ବା ଏକ ଟୋକନ୍ ଚାର୍ଜରେ ଏହା ଉପଲବ୍ଧ ହେବ। ଏହି ପୁସ୍ତକକୁ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟର ଅଧକ୍ଷ ଅମରଜ୍ୟୋତି ପଟ୍ଟନାୟକ ରଚନା ଏବଂ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟର ସମ୍ପାଦକ ସୁକାନ୍ତ ମିଶ୍ର ସମ୍ପାଦନା କରିଛନ୍ତି। କାର୍ଯ୍ୟକ୍ରମରେ ପିଆର୍‌ଏସ୍‌ଆଇ ଭୁବନେଶ୍ୱର ଚାପ୍ଟର ସମ୍ପାଦକ ସଞ୍ଜୟ ସାହୁ, ସୃଜନଶୀଳ ଡିଜାଇନର ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଫଟୋଗ୍ରାଫର ଆଶିଷ ଧିର ଉପସ୍ଥିତ ଥିଲେ। ଏହିପୁସ୍ତକଟିସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଚିତ୍ରଣ କରିବ ବୋଲି ଆଶା କରାଯାଉଛି।



ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ମଙ୍ଗଳବାର ମହିଳା ହିଂସା ବିରୋଧୀ ଅଭିଯାନର ଉଦ୍‌ଯାପନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।


ଭୁବନେଶ୍ୱରସ୍ଥିତ ଓୟୁଏଟିର ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ କୁଳପତି ଆଲୋଚନା କରୁଛନ୍ତି।



ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ମଙ୍ଗଳବାର ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଚତୁର୍ଥ ଗୀତାଞ୍ଜଳି ଏକ୍ସିଲେନ୍ସି ଆୱାର୍ଡ ସମାରୋହ।

## ସଂକ୍ଷେପରେ

### ଜିଲା ଯୋଜନା କମିଟି ସଭାପତି ହେଲେ ବିଧାୟକ ରାଜେନ୍ଦ୍ର ସାହୁ



ଖୋର୍ଦ୍ଧା ଅଫିସ,୩୦।୧୧: ଖୋର୍ଦ୍ଧା ଜିଲା ଯୋଜନା କମିଟି ସଭାପତି ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ ମଙ୍ଗଳବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ବିଧାୟକ ସାହୁ ଯୋଜନା କମିଟି ସଭାପତି ହେବା ପରେ ବେଗୁନିଆ ଓ ବୋଲଗଡ଼ ବ୍ଲକ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରକାଶ ଯେ, ପୂର୍ବରୁ ଏହି ଦାୟିତ୍ୱରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ରହିଥିଲେ। ସେପ୍ଟେମ୍ବର ୮ରେ ବାଲୁଗାଁ ଭାଜପା ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଓ ଜାତିଆଣ ଆକ୍ଷେପ ଘଟଣାରେ ତାଙ୍କ ବିରୋଧରେ ଆଟ୍ରୋସିଟି ଆକ୍ଟରେ ଥାନାରେ ମାମଲା ହୋଇଥିଲା। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ନିଲମ୍ବନ କରିବା ସହ ଜିଲା ଯୋଜନା କମିଟି ସଭାପତି ପଦରୁ ହଟାଇଥିଲେ। ଉକ୍ତ ଦିନ ଠାରୁ ଏହି ପଦବୀ ଖାଲି ପଡ଼ିଥିଲା।

### ଜନକଲ୍ୟାଣ ସଂଘର ବାର୍ଷିକ ଉତ୍ସବ

ଜଟଣୀ,୩୦।୧୧(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଶ୍ରୀରାମନଗରଠାରେ ଏନ୍‌ଟିଭି କାର୍ଯ୍ୟାଳୟ ପରିସରରେ ସଂସ୍ଥାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଟଣୀ ତହସିଲଦାର ତପନ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା, ଅତିଥିଭାବେ ନରେନ୍ଦ୍ର ମୁଦୁଲି, ପ୍ରଶାନ୍ତ ସାହୁ, ସଂଘର ପରାମର୍ଶଦାତା ଜଟାଧାରୀ ପ୍ରଧାନ, ଆଇନ ପରାମର୍ଶଦାତା ଶିବପ୍ରସାଦ ରଥ ଯୋଗଦେଇଥିଲେ। ଏନ୍‌ଟିଭି ସମ୍ପାଦକ ତଥା ଜଟଣୀ ଜନକଲ୍ୟାଣ ସଂଘର ସଭାପତି ନବୀନ ମହାପାତ୍ର ସଭା ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଭବାନୀ ଶଙ୍କର ସୁରଜିତ୍, ସଙ୍ଗଠନ ସମ୍ପାଦକ ଶୁଭେନ୍ଦ୍ର ଶତପଥୀ, ନିଲୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଜଟଣୀ ପୌରନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଛଣଘର ସରପଞ୍ଚ ସୁନୀଲ ରାଉତରାୟ, ଝାଁଳା ସରପଞ୍ଚ ପ୍ରଦୋଷ ଜେନା, ପଦନପୁର ସରପଞ୍ଚ ସୁକାନ୍ତ ପରିଡା, ବାସୁଦେବ ସେଠୀ, ହବିବୁର୍ ରେହମାନ୍, ସୁବାସ ମହାପାତ୍ର, ନିରଞ୍ଜନ ବେହେରା, ପ୍ରକାଶ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଏମ୍.ଡି. କରିମ୍ ଧନ୍ୟବାଦ ଦେଇଥିଲେ।

### ବିଜେଡିର ବାଇକ୍ ଶୋଭାଯାତ୍ରା

ବାଲୁଗାଁ,୩୦।୧୧(ଡି.ଏନ୍.ଏ.): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଏବେଠାରୁ ବିଭିନ୍ନ ରାଜନୈତିକ ଦଳରେ ଉଷ୍ମତା ଦେଖାଦେଇଛି। ପୂର୍ବତନ ବିଧାୟକ ରଘୁନାଥ ସାହୁ ବିଭିନ୍ନ ପଞ୍ଚାୟତ ବୁଲି କର୍ମୀ ସମ୍ମିଳନୀ କରିବା ସହ ବିଜେଡି ସଙ୍ଗଠନକୁ ମଜଭୁତ କରିବାରେ ଲାଗିଛନ୍ତି। ମଙ୍ଗଳବାର ରଘୁନାଥ ସାହୁଙ୍କ ନେତୃତ୍ୱରେ ବାଲୁଗାଁସ୍ଥିତ ମାମୁ-ଭଣଜା ପାହାଡ଼ ନିକଟ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ବାଲୁଗାଁ ନଗର ପରିକ୍ରମା କରିଥିଲା। ଏହି ଅବସରରେ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ଓ ଦଳୀୟ କର୍ମୀଙ୍କ ସହଯୋଗ ନିମନ୍ତେ ଆହ୍ୱାନ ଦେଇଥିଲେ। ଗତ ନିର୍ବାଚନରେ ଟିକେଟ ମିଳି ନ ଥିଲେ ମଧ୍ୟ ସେ ଲୋକଙ୍କ ସେବାରେ ଅଛନ୍ତି ଓ ରହିବେ ବୋଲି କହିଥିଲେ।

### ଗଛ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରର ଦଧିନଉତି ପ୍ରତିଷ୍ଠା

ବାଣପୁର,୩୦।୧୧(ଡି.ଏନ୍.ଏ.): ବାଣପୁର ଅଞ୍ଚଳର ଶୈବପୀଠ ଗଛ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରର ନୂତନ ଦଧିନଉତି ପ୍ରତିଷ୍ଠା କରାଯାଇଛି। ଶୁକ୍ରବାରଠାରୁ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ, ଲକ୍ଷ୍ମୀଧର ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଗଛ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରଠାରେ ପହଞ୍ଚି ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସମେତ ଅଚ୍ୟୁତରାଜପୁର ଓ ହାତିମୁଣ୍ଡା ଗ୍ରାମର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମିନତି ମହାପାତ୍ର ଏହି ଦଧିନଉତି ପ୍ରତିଷ୍ଠା ଲାଗି ସର୍ବଦା ଚେଷ୍ଟା କରିଆସୁଥିଲେ। ଏହି ଯଜ୍ଞ ଓ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଟ୍ରଷ୍ଟି ସୁକଲ୍ୟାଣ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ବିଶ୍ୱାଳ, ରଘୁନାଥ ପ୍ରଧାନ, ଜଗତ ଭୂଷଣ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ୧୯ ବର୍ଷରେ ଗଲାଣି ୨୨୫ ଜୀବନ

## ସଭା, ସମିତିରେ ସଚେତନତା ସୀମିତ

ଖୋର୍ଦ୍ଧା ଅଫିସ,୩୦।୧୧

ବିଶ୍ୱରେ ଏଡ୍‌ସ ମହାମାରୀ ବିଭିନ୍ନ ବିକଶିତ ରାଷ୍ଟ୍ରକୁ ଚିନ୍ତାରେ ପକାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶେଷ ଉନ୍ନତି ହୋଇଥିଲେ ମଧ୍ୟ ଏଡ୍‌ସ ନିରାକରଣ ଦିଗରେ ଏଯାବତ୍ ଔଷଧ ଆବିଷ୍କାର ହୋଇ ପାରିନାହିଁ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଡିସେମ୍ବର ୧ରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଥାଏ। ସଚେତନତା ଦ୍ୱାରା କିଭଳି ଏହି ସଂକ୍ରମଣକୁ ପ୍ରତିରୋଧ କରାଯାଇପାରିବ ତାହା ଏହି ଦିବସର ଲକ୍ଷ୍ୟ। ଖୋର୍ଦ୍ଧା ଜିଲାରେ ୨୦୦୨ରୁ ୨୦୨୦ ଅକ୍ଟୋବର ମଧ୍ୟରେ ଏଡ୍‌ସରେ ୨୨୫ ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ ୨୦୦୨ରୁ ୨୦୧୯ମଧ୍ୟରେ ୨୦୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦ ଜାନୁୟାରୀ ଠାରୁ ଅକ୍ଟୋବର ମଧ୍ୟରେ ୧୫ ଏବଂ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ମୁଖ୍ୟ ଚିକିତ୍ସାଳୟରୁ ସୂଚନା ମିଳିଛି। ଜିଲାରେ ୧୯ବର୍ଷ ମଧ୍ୟରେ ୧୧ଲକ୍ଷ ୫୧ହଜାର ୫୪୨ଜଣଙ୍କୁ କାଉନସେଲିଂ କରାଯାଇଥିଲା। ସେଥିରୁ ୧୦ଲକ୍ଷ ୬୪ହଜାର ୪୪୦ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ୩,୩୨୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପ୍ରତିବର୍ଷ ଏଡ୍‌ସ ସଚେତନତା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରତିବର୍ଷ ଜିଲାରେ ଏଡ୍‌ସ ରୋଗୀଙ୍କ ମୃତ୍ୟୁହାର ବଢ଼ି ଚାଲିଛି। ଏଡ୍‌ସ ସଚେତନତା କେବଳ ସଭା, ସମିତି, ଶୋଭାଯାତ୍ରା, ମାରାଥନରେ ସୀମିତ ରହିଛି। ଜିଲା ପ୍ରଶାସନର ଅବହେଳା ତଥା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା ଏଥିଲାଗି ଉତ୍ତରଦାୟୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏନେଇ ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି, ଏଚ୍‌ଆଇଭି ଏକ ମାରାତ୍ମକ ରୋଗ, ଯାହା ହ୍ୟୁମାନ ଇମ୍ୟୁନଡେଫିସିଏନ୍ସି ଭାଇରସ୍ ଯୋଗୁ ବ୍ୟାପେ। ଏହାକୁ ଏଚ୍‌ଆଇଭି କୁହାଯାଏ। ଏହା ମୁଖ୍ୟତଃ ଅସୁରକ୍ଷିତ ଶାରୀରିକ ସମ୍ପର୍କ, ବ୍ଲଡ ଟ୍ରାନ୍ସଫ୍ୟୁଜନ, ସଂକ୍ରମିତ ମା'ଠାରୁ କ୍ଷୀର ଖାଉଥିବା ଛୁଆକୁ ଏବଂ ଅସୁରକ୍ଷିତ ଇଞ୍ଜେକ୍ସନ ଛୁଞ୍ଚି ବ୍ୟବହାର ଦ୍ୱାରା ଜଣଙ୍କଠାରୁ ଅନ୍ୟଜଣଙ୍କୁ ସଂକ୍ରମିତ ହୋଇଥାଏ। କେବଳ ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ବିଶ୍ୱରେ ୨୦୨୦ ସୁଦ୍ଧା ମୋଟ ୩୭.୭ ମିଲିୟନ ଲୋକ ଏଚ୍‌ଆଇଭି ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ସେଥିରୁ ୧.୫ ମିଲିୟନ ନୂତନ ସଂକ୍ରମିତ ରହିଛନ୍ତି। ୨୦୨୦ ମସିହାରେ ଏଚ୍‌ଆଇଭିରେ ୬ ଲକ୍ଷ ୮୦ହଜାର ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଝାଁଳା,୩୦।୧୧(ଡି.ଏନ୍.ଏ.)

ଝାଁଳା ଫାଣ୍ଡି ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମରେ ଜଣେ ଯୁବକଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିବା ମାମଲାରେ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଗ୍ରାମର ଦିପୁନ ପ୍ରଧାନ(୩୨)। ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଗନ ଓ ଦିପୁନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ସୋମବାର ଦିପୁନ ଫୋନ କରି ଗଗନଙ୍କୁ ଗଙ୍ଗେଶ୍ୱର ମନ୍ଦିର ନିକଟକୁ ଆସିବାକୁ କହିଥିଲେ। ଗଗନ ସେଠାରେ ପହଞ୍ଚିବା ପରେ ହଠାତ୍ ଦିପୁନ ଖଣ୍ଡାରେ ଆକ୍ରମଣ କରିଥିଲା। ଫଳରେ ଗଗନ ଜୀବନ ବଞ୍ଚାଇବାକୁ ଦୌଡ଼ିଥିଲେ। ଦିପୁନ ମଧ୍ୟ ପୁଣି ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। ସ୍ଥାନୀୟ ଲୋକେ ଗଗନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏନେଇ ଗଗନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦିପୁନର ମାବାଇଲ ନମ୍ବର ଟ୍ରାକିଂ କରିଥିଲା। ମଙ୍ଗଳବାର ଜଟଣୀ ରେଳଷ୍ଟେଶନ ନିକଟରେ ଦିପୁନ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ଏଏସ୍‌ଆଇ ସନ୍ତୋଷ ପରିଡ଼ା ମାଡ଼ି ବସିଥିଲେ।

# ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବାଲୁଗାଁ,୩୦।୧୧(ଡି.ଏନ୍.ଏ.)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ୧୧ଶ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାର ବାଲୁଗାଁ, ବାଣପୁର, ନାଭାଲ, ଚାନ୍ଦପୁର, ନହରକଣ୍ଟା ଏବଂ ଖୋର୍ଦ୍ଧା ଟାଉନ ଅଞ୍ଚଳର ୪୪ଜଣ ପ୍ରତିଯୋଗୀ ଜିଲାର ମୁଖ୍ୟ ପ୍ରଶିକ୍ଷକ ସେନସେଇ ଦୀପକ କୁମାର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ। ଟିମ୍ ମ୍ୟାନେଜର ଭାବେ ମୂର୍ଚ୍ଛନା ସୁବୁଦ୍ଧି ଓ କୋଚ୍ ଭାବେ ସଂଗ୍ରାମ ନାୟକ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ମୋନାଲି ମହାପାତ୍ର, ଟିଙ୍କି ବେହେରା, ରୁଦ୍ରପ୍ରକାଶ ଖଟେଇ, ଦେବୀ ପ୍ରସାଦ ଦାସ, ସୌମ୍ୟ ସୁଶାନ୍ତ ବିଶ୍ୱାଳ, ଏ. ସାଇପ୍ରଭା ଏବଂ ବି. ଭିଶାଲ ୮ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୧୪ଟି ରୌପ୍ୟ ଏବଂ ୨୩ଟି କାଂସ୍ୟ ପଦକ ପ୍ରତିଯୋଗୀମାନେ ହାସଲ କରିଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ସିହାନ ଡ. ହରିପ୍ରସାଦ ପଟ୍ଟନାୟକ ଏବଂ ରାଜ୍ୟ କରାଟେ ସଂଘର ସମ୍ପାଦିକା ସେନସେଇ ଡ.ଗୌରୀ ମହାନ୍ତି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖସିଗଲେ ଅନ୍ତର୍ଜାତୀୟ ବ୍ରାଉନସୁଗାର ବେପାରୀ

## ଶୋଇବା ଘରୁ ମିଳିଲା ୪୦ ଲକ୍ଷର ବ୍ରାଉନସୁଗାର

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପଶ୍ଚିମବଙ୍ଗ ପୋଲିସ ସହାୟତାରେ ଅନ୍ତର୍ଜାତୀୟ ବ୍ରାଉସୁଗାର ବେପାରୀଙ୍କ ଘରେ ଚଢ଼ାଉ କରିଛି। ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ଲାଲ୍‌ଗୋଲା ଥାନା ଚମକ୍‌ପୁର ଗ୍ରାମରେ ଅଭିଯୁକ୍ତ ସେଖ୍ ଇସ୍‌ମାଇଲ୍‌ଙ୍କ ଘର ଉପରେ ସୋମବାର ବିଳମ୍ବିତ ରାତିରେ ଚଢ଼ାଉବେଳେ ସେ ଖସି ପଳାଇଯିବାରେ ସମର୍ଥ ହୋଇଛନ୍ତି। ଇସ୍‌ମାଇଲ ଓଡ଼ିଶା ଏସ୍‌ଟିଏଫ୍ ପାଇଁ ୱାଣ୍ଟେଡ ଥିଲେ। ତାଙ୍କ ବେଡ୍ ରୁମ୍(ଶୋଇବା ଘରୁ)ରୁ ୩୯୦ ଗ୍ରାମର ବ୍ରାଉନସୁଗାର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ। ଏନେଇ ଲାଲଗୋଲା ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୭୯୬/୨୧) ରୁଜୁ ହୋଇଛି। ତେବେ ଇସ୍‌ମାଇଲ କେତେଥର ଓଡ଼ିଶା ଆସିଛନ୍ତି, ତାଙ୍କ ଲିଙ୍କରେ ଓଡ଼ିଶାରେ କେଉଁମାନେ ଏଜେଣ୍ଟ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି। ଅପରପକ୍ଷରେ ସ୍ଥାନୀୟ ପୋଲିସ ଅଭିଯୁକ୍ତ ଇସ୍‌ମାଇଲ୍‌ଙ୍କୁ ଧରିବାକୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି। ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୩ରେ ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ପେଟ୍ରୋଲ ପମ୍ପ ପାଖରେ ଏସ୍‌ଟିଏଫ୍ ଚଢ଼ାଉ କରି ମନୋରଞ୍ଜନ ଦାସ ନାମକ ଏକ ବ୍ରାଉନ୍‌ସୁଗାର ଏଜେଣ୍ଟଙ୍କୁ ଗିରଫ କରିଥିଲା। ତାଙ୍କଠୁ ୧କେଜି ୩୪ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଏସ୍‌ଟିଏଫ୍ ତାଙ୍କୁ ପଚରାଉଚରା କରିବା ପରେ ସେ ଲାଲ୍‌ଗୋଲାର ଇସ୍‌ମାଇଲ୍‌ଙ୍କ ନିକଟରୁ ବ୍ରାଉନସୁଗାର ଆଣିଥିଲେ ବୋଲି କହିଥିଲେ। ମନୋରଞ୍ଜନଙ୍କ ନିକଟରୁ ଅଭିଯୁକ୍ତ ଇସ୍‌ମାଇଲ୍‌ଙ୍କ ଘର ଠିକଣା ଏସ୍‌ଟିଏଫ୍ ଆଣି ପଶ୍ଚିମବଙ୍ଗ ପୋଲିସ ସହ ଯୋଗାଯୋଗ କରିଥିଲା। ଏହି ମାମଲାରେ ଏସ୍‌ଟିଏଫ୍ ଉଭୟଙ୍କ ନାଁରେ ମାମଲା (ନଂ. ୩୧/୨୧) ରୁଜୁ କରି ଇସ୍‌ମାଇଲ୍‌ଙ୍କୁ ଧରିବାକୁ ଏସ୍‌ଟିଏଫ୍ ନିୟମିତ ପଶ୍ଚିମବଙ୍ଗ ପୋଲିସ ସହ ଯୋଗାଯୋଗ କରୁଥିବାବେଳେ ସେ ସୋମବାର ଘରେ ଥିବା ଜାଣିବାକୁ ମିଳିଥିଲା। ଏସ୍‌ଟିଏଫ୍‌ର ଏକ ଟିମ୍ ଲାଲ୍‌ଗୋଲା ପୋଲିସ ସହାୟତାରେ ସୋମବାର ରାତିରେ ତାଙ୍କ ଘରକୁ ଘେରିଯାଇଥିଲେ। ପୂର୍ବରୁ ସୂଚନା ପାଇ ଇସ୍‌ମାଇଲ୍ ଘରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ।

### ବିସ୍ଥାପିତଙ୍କୁ ଥଇଥାନ କଲା ପ୍ରଶାସନ

କୃଷ୍ଣପ୍ରସାଦ,୩୦।୧୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରରୁ ବିତାଡିତ ୪୮ ପରିବାର ଗତ ମାର୍ଚ୍ଚ ମାସରୁ ନାଥପୁର ଗ୍ରାମରେ ଆଶ୍ରୟ ନେଇଥିଲେ। ବିସ୍ଥାପିତମାନେ ସ୍ଥାୟୀ ଗୃହ ନିର୍ମାଣକୁ ନେଇ ଅଞ୍ଚଳବାସୀଙ୍କ ସହ ବଚସା ହୋଇଥିଲା। ଏହାକୁ ନେଇ ବୋମାମାଡ଼ ସହ ଘରପୋଡ଼ି ଯାଏ ବିଶୃଙ୍ଖଳା ହୋଇଥିଲା। ଏଥିରେ ଉଭୟ ପକ୍ଷର କେତେଜଣ ଆହତ ଏପର୍ଯ୍ୟନ୍ତ ଚିକିତ୍ସିତ ହେଉଥିବା ବେଳେ ଭୟରେ ବିସ୍ଥାପିତମାନେ କେଉଁଆଡ଼େ ପଳାଇଥିଲେ। ପରେ ସ୍ଥାୟୀ ଭାବେ ସରକାରୀ ଜମି ଯୋଗାଇଦେବା ଦାବିରେ ବିଧାନସଭା ଆଗରେ ଧାରଣା ଦେଇଥିଲେ। ଗତ ୨୮ ତାରିଖରେ ପ୍ରଶାସନ ସେମାନଙ୍କୁ ବୁଝାଶୁଝା କରିବା ସହ ୨୦ ଦିନ ମଧ୍ୟରେ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ କହି ୩ଟି ବସ୍‌ରେ ୪୮ ପରିବାରର ୧୭୫ ଜଣ ସଦସ୍ୟଙ୍କୁ କୃଷ୍ଣପ୍ରସାଦ ବ୍ଲକର ଖିରିସାହି ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିଥିବା ଜଣାପଡିଛି। ୪ଦିନ ବିତିଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ବିସ୍ଥାପିତଙ୍କୁ ବିଡିଓ ମନୋଜ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବିସ୍ଥାପିତଙ୍କ ସୁରକ୍ଷା ଦିଗରେ ତହସିଲଦାର ଉଲ୍ଲାସ କୁମାର ସେଠୀ, କୃଷ୍ଣପ୍ରସାଦ ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ନଜର ରଖିଛନ୍ତି। ପ୍ରଶାସନ ବାତ୍ୟା ଆଶ୍ରୟସ୍ଥଳୀରେ ରଖି ଏହାର ସ୍ଥାୟୀ ପ୍ରତିକାର କରିବାର ପ୍ରତିଶ୍ରୁତି ଦେଇଥିବାରୁ ବିସ୍ଥାପିତ ୪୮ପରିବାର ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ଆଶା ରଖିଛନ୍ତି।

# ୨୦୦ ପ୍ରକଳ୍ପକୁ ୧୩.୮୨ କୋଟି ଟଙ୍କା ମଞ୍ଜୁର

ଜଟଣୀ,୩୦।୧୧(ଡି.ଏନ୍.ଏ.)




ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରମିଳା ମଲିକ ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଜଟଣୀ ଓ ବାଣପୁର ପୌରପରିଷଦର ହେବ ବିକାଶ। ଏହି ଦୁଇ ପୌରପରିଷଦର ରାସ୍ତାଘାଟ, ପାର୍କ, ବସ୍ତିର ଉନ୍ନତି ସହ ଡ୍ରେନ୍, ପରିମଳ ଏବଂ ଆଧୁନିକୀକରଣ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦକୁ ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନାରେ ୨୦୦ଟି ପ୍ରକଳ୍ପ ନିର୍ମାଣ ଲାଗି ମୋଟ ୧୩ କୋଟି ୮୨ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ତନ୍ମଧ୍ୟରେ ଜଟଣୀ ପୌରପରିଷଦରେ ୧୬୬ ପ୍ରକଳ୍ପ ପାଇଁ ୧୦ କୋଟି ୭ ୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ବାଣପୁର ପୌରପରିଷଦରେ ୩୪ଟି ପ୍ରକଳ୍ପ ପାଇଁ ୩ କୋଟି ୧୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଜଟଣୀ ବ୍ଲକ ଅନ୍ତର୍ଗତ ଓଗାଳପଡ଼ାସ୍ଥିତ ଏକ ହୋଟେଲ ପରିସରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଜଟଣୀ ନଗର ବିଜେଡି ସଭାପତି ଆଶୁତୋଷ ପ୍ରତାପସିଂ, ଦେବେନ୍ଦ୍ର ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଏହି ଖବରଦାତା ସମ୍ମିଳନୀକୁ ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଆସିଥିଲେ ମଧ୍ୟ ମଞ୍ଚରେ ବସି ନ ଥିବା ଦେଖିବାକୁ ମିଳିଥିଲା।

# ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ଖୋର୍ଦ୍ଧା ଅଫିସ,୩୦।୧୧

ଖୋର୍ଦ୍ଧାର ସାମାଜିକ ଅନୁଷ୍ଠାନ କଳିଙ୍ଗ ପାଇକ ସଙ୍ଗଠନର ଏକ ବୈଠକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଧୀନତା ଆନ୍ଦୋଳନରେ ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ୧୮୧୭ର ପାଇକ ବିଦ୍ରୋହ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ଐତିହାସିକ ସଂଗ୍ରାମ ଓଡ଼ିଶାର ଗୌରବ ବୃଦ୍ଧି କରିଛି। ଏହାର ଦ୍ୱିଶତ ବାର୍ଷିକୀ ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷ ବ୍ୟାପୀ ବିଭିନ୍ନ ସଭା, ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହର ସ୍ମୃତିଚିହ୍ନ ସ୍ୱରୂପ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୨ବର୍ଷ ବିତିବାକୁ ବସିଥିବା ବେଳେ ପ୍ରସ୍ତାବିତ ସ୍ଥାନରେ ଇଟା ଖଣ୍ଡିଏ ପଡିନାହିଁ। ଏନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଦାବି ଉପସ୍ଥାପନ କରାଯାଇଥିଲା। ଆଗାମୀ ୮ତାରିଖରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଆଲୋଚନାଚକ୍ର କରାଯିବା ନେଇ ସ୍ଥିର ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଇଂ. ଶିଶିର କୁମାର ନାୟକ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅମରେନ୍ଦ୍ର ମହାପାତ୍ର, ପ୍ରଦୀପ ବିଶ୍ୱାଳ, ରମଜାନ ଖାନ, ମୃତ୍ୟୁଞ୍ଜୟ ଛୋଟରାୟ, ଧରଣୀଧର ଛୋଟରାୟ, ରାମଶଙ୍କର, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଯୋଗଦେଇଥିବା କଳିଙ୍ଗ ପାଇକ ସଙ୍ଗଠନର କର୍ମକର୍ତ୍ତାମାନେ।

### ୧୦୦ କେଭି ଟ୍ରାନ୍ସଫର୍ମର ବସାଇବାକୁ ଦାବି

ନିରାକାରପୁର,୩୦।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ଅରାଞ୍ଚଳ ଗ୍ରାମରେ ପ୍ରାୟ ୧୦୦ଜଣ ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ଏହି ଗ୍ରାମର ମଝି ଓ କେତେକଙ୍କ ଘର ଉପରେ ୧୧କେଭି ବିଦ୍ୟୁତ୍ ତାର ଯାଇଥିବା ବେଳେ ୪ଟି ମୁକୁଳା ଟ୍ରାନ୍ସଫର୍ମର ଗାଁ ଦାଣ୍ଡରେ ରହିଛି। ଗୋଟିଏ ୧୬କେଭି ଟ୍ରାନ୍ସଫର୍ମରରେ ନିୟମ ଅନୁସାରେ ୧୪ରୁ ୧୫ ଜଣ ଉପଭୋକ୍ତା ରହିପାରିବେ। କିନ୍ତୁ ଏଥିରେ ୨୫ରୁ ୩୦ ଊର୍ଦ୍ଧ୍ୱ ଉପଭୋକ୍ତା ରହିଥିଲେ ମଧ୍ୟ ଏହାକୁ ବଦଳା ଯାଉନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସମୟରେ ଏହି ଟ୍ରାନ୍ସଫର୍ମର ଫାଟିଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଭିତରେ ଟଣାଯାଇଥିବା ୧୧କେଭି ତାର ବଦଳାଇବା ସହ ୪ଟି ଟ୍ରାନ୍ସଫର୍ମର ବଦଳରେ ଗୋଟିଏ ୧୦୦ କେଭି ଟ୍ରାନ୍ସଫର୍ମର ଗ୍ରାମ ବାହାରେ ବସାଇବାକୁ ଦାବି ହେଉଛି। ଏନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ନିରାକାରପୁର ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ରିତେଶ ସିଂହ କହିଛନ୍ତି, ଗ୍ରାମବାସୀଙ୍କ ନିକଟରୁ ଅଭିଯୋଗ ପାଇବା ପରେ ବରିଷ୍ଠ ଅଧିକାରୀଙ୍କୁ ଜଣାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଆର୍‌ଟିଆଇରେ ତଥ୍ୟ ନ ମିଳିବାରୁ ଅନଶନ

ବୋଲଗଡ଼,୩୦।୧୧(ଡି.ଏନ୍.ଏ.)

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ତଥ୍ୟ ଦିଆ ନ ଯିବାରୁ ପିତୁକୁଳି ଗ୍ରାମର ସୂଚନା ଅଧିକାର କର୍ମୀ ବିକାଶ ଚନ୍ଦ୍ର ନାୟକ ମଙ୍ଗଳବାର ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି। ସୂଚନା ମୁତାବକ, ଏହି ବ୍ଲକ ଅନ୍ତର୍ଗତ ପିତୁକୁଳି ପଞ୍ଚାୟତରେ ହୋଇଥିବା ସରକାରଙ୍କ ଜନହିତକର କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସନ୍ଦେହ କରି ସମ୍ପୃକ୍ତ କାର୍ଯ୍ୟର ସବିଶେଷ ବିବରଣୀ ଆର୍‌ଟିଆଇ ମାଧ୍ୟମରେ ଜାଣିବାକୁ ଚାହିଁଥିଲେ। ଏଥିନେଇ ବିକାଶ ବାରମ୍ବାର ବ୍ଲକ ସୂଚନା ଅଧିକାରୀଙ୍କୁ ଅପିଲ କରିଥିଲେ ମଧ୍ୟ ତାଙ୍କୁ କୌଣସି ସୂଚନା ମିଳିନଥିଲା। ଏନେଇ ସେ ଆମରଣ ଅନଶନରେ ବସିଛନ୍ତି। ଅନଶନ ସମ୍ପର୍କରେ ମଧ୍ୟ ପଞ୍ଚାୟତିରାଜ ମହାସଚିବ, ଖୋର୍ଦ୍ଧା ଉପଜିଲାପାଳ, ଏସ୍‌ପି, ବୋଲଗଡ଼ ଆଇଆଇସିଙ୍କୁ ସେ ଅବଗତ କରାଇଥିବା ଜଣାପଡ଼ିଛି। ବିକାଶଙ୍କ ସମେତ ଅନଶନ ସ୍ଥଳରେ ଓଡ଼ିଶା ସୂଚନା ଅଧିକାର ସଂଘର ସଦସ୍ୟ କାଳୁଚରଣ ପାଟ୍ଟଶାଣୀ ଓ ଜାକେଶ କୁମାର ବଳିୟାରସିଂହ ଉପସ୍ଥିତ ଅଛନ୍ତି। ଅଭିଯୋଗର ତଦନ୍ତ ପରେ ଏ ସମ୍ପର୍କରେ ଜଣାଇବେ ବୋଲି ବ୍ଲକ ସୂଚନା ଅଧିକାରୀ ଡ. ରତିକାନ୍ତ ମିଶ୍ର କହିଛନ୍ତି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୋଲଗଡ଼,୩୦।୧୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବରୁ ପଞ୍ଜୀକୃତ ହୋଇଥିବା ୧୨୦ଜଣ ଭିନ୍ନକ୍ଷମଙ୍କ ସମେତ ନୂତନ ଭାବେ ପଞ୍ଜୀକରଣ କରିଥିବା ମାନସିକ ଅନଗ୍ରସର, ଦୃଷ୍ଟିବାଧିତ, ବଧିର ଓ ଶାରୀରିକ ଭିନ୍ନକ୍ଷମଙ୍କୁ ବିଶେଷଜ୍ଞ ଡାକ୍ତର ପରୀକ୍ଷା କରିଥିଲେ। ଏବିଡିଓ ରତିରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ କାମଦେବ ନାୟକ, ପଞ୍ଚାୟତର ଅଙ୍ଗନୱାଡ଼ି ଓ ଆଶାକର୍ମୀ ସହଯୋଗ କରିଥିଲେ। ବ୍ରଜକିଶୋର ପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଗର୍ଭବତୀଙ୍କ ଚିକିତ୍ସା ଲାଗି ନେଉଛନ୍ତି ଲାଞ୍ଚ

## ଟଙ୍କା ନେବା ବେଳର ଭିଡିଓ ଭାଇରାଲ



ଖୋର୍ଦ୍ଧା ଅଫିସ,୩୦।୧୧

ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗର୍ଭବତୀଙ୍କ ସୁରକ୍ଷିତ ପ୍ରସବ ଉପରେ ଗୁରୁତ୍ୱ ଦେଉଛନ୍ତି। ଚିକିତ୍ସାରେ ଯେପରି କୌଣସି ଅବହେଳା ନ ହେବ, ସେଥିଲାଗି ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାଠାରୁ ଆରମ୍ଭ କରି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତଥାପି ଗର୍ଭବତୀଙ୍କ ପ୍ରସବ ଲାଗି ସମ୍ପର୍କୀୟଙ୍କଠାରୁ ଜଣେ ମେଡିକାଲ କର୍ମଚାରୀ ଟଙ୍କା ନେଉଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଏହା ଖୋର୍ଦ୍ଧା ମେଡିକାଲରେ ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ଟଙ୍କା ନ ଦେଲେ କିମ୍ବା ବିରୋଧ କଲେ, ରୋଗୀଙ୍କ ଚିକିତ୍ସାରେ ଅବହେଳା କରାଯିବା ଆଶଙ୍କା ରହିଛି। ତେଣୁ ବାଧ୍ୟ ହୋଇ ଦେବାକୁ ପଡୁଛି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ପ୍ରକାଶ ଯେ, ଶିଶୁ ଓ ମହିଳାଙ୍କ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ୭ ମହଲା ବିଶିଷ୍ଟ ଶିଶୁ ଓ ମାତୃ ମଙ୍ଗଳ କେନ୍ଦ୍ର ରହିଛି। ଏଠାରେ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କ ପ୍ରସବ କରାଯାଉଛି। ଜଣଙ୍କ ପିଛା ୧ ହଜାରରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦାବି କରାଯାଉଥିବା ଜଣାପଡ଼ିଛି। ମେଡିକାଲ କର୍ମଚାରୀଙ୍କ କଥା ନ ମାନିଲେ କିମ୍ବା ଟଙ୍କା ନ ଦେଲେ ରୋଗୀଙ୍କ ବିଭିନ୍ନ ସମସ୍ୟା ରହିଛି ବୋଲି ଦର୍ଶାଯାଇ କଟକ ବଡ଼ ମେଡିକାଲ ଓ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି ବୋଲି ଅଭିଯୋଗ ହେଉଛି। ସରକାରୀ ମେଡିକାଲରେ ସମସ୍ତ ଚିକିତ୍ସା ମାଗଣା ଉପଲବ୍ଧ ଥିବା ବେଳେ କାହିଁକି ଏଭଳି ଟଙ୍କା କାରବାର ଚାଲିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବରିଷ୍ଠ ଆଇନଜୀବୀ ଶିଶିର ପରିଡ଼ା କହିଛନ୍ତି, ମେଡିକାଲ କର୍ମଚାରୀମାନେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କଠାରୁ ଲାଞ୍ଚ ନେବା ନିନ୍ଦନୀୟ ଘଟଣା। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ବିଶ୍ୱରଞ୍ଜନ ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଖବରକାଗଜ ବିତରକ**

ସାକ୍ଷୀଗୋପାଳ,(ଡି.ଏନ୍.ଏ.)- ରାଜ୍ୟ ସରକାର ଖବରକାଗଜ ବିତରକମାନଙ୍କର ସୁରକ୍ଷା ଓ ସହାୟତା ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିବାରୁ ସତ୍ୟବାଦୀରେ ଖବରକାଗଜ ବିତରକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କୁ ଫୁଲମାଳ ଲାଗି କରାଯାଇଥିଲା। ଖବରକାଗଜ ବିତରକ ସଂଘର ମୁଖ୍ୟ, କର୍ମକର୍ତ୍ତା ଓ ସଦସ୍ୟ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପ ଜାଳି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ସଂଘ ସଭାପତି ଦୁଃଖିଶ୍ୟାମ ସାହୁ, ସମ୍ପାଦକ ରଙ୍ଗାଧର ଦାସ, କୋଷାଧ୍ୟକ୍ଷ ତ୍ରିନାଥ ବେହେରା, ନିରଞ୍ଜନ ପ୍ରଧାନ, ଚନ୍ଦ୍ରମଣି ଭୋଇ, ବିଚିତ୍ରା ନନ୍ଦ ଭୋଇଙ୍କ ସମେତ ସମସ୍ତ ବିତରକ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୧।୨୦୨୧

| | |
|---|---|
| ୩,୪୩,୮୯୫ ଟଙ୍କା | |
| ସୁନା | ୧.୬୦୦ ଗ୍ରାମ |
| ରୁପା | ୫୬ ଗ୍ରାମ |

## ଆଜି କ'ଣ କେଉଁଠି

**କୋଣାର୍କ**

- ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ଗଣଦୌଡ଼, ମାଝୀପୁର ଛକ, ସକାଳ ୭ଟା।
- କୋଣାର୍କ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ଚନ୍ଦ୍ରଭାଗା, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ପଟଚିତ୍ର ମାଧ୍ୟମରେ ଏଡ୍ସ ସଚେତନତା ବାର୍ତ୍ତା

ଭୁବନେଶ୍ୱର,୩୦।୧୧: ବିଶ୍ୱ ଏଡ୍ସ ଦିବସର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଓସାକ୍ସ ଦ୍ୱାରା କଳାଗ୍ରାମ ରଘୁରାଜପୁରରେ ନିଜର ସୃଜନଶୀଳ ତୂଳି ଆଉ ରଙ୍ଗର ସ୍ପର୍ଶରେ ଏଚଆଇଭି/ଏଡ୍ସର ସଚେତନତା ବାର୍ତ୍ତା ପହଞ୍ଚାଇଛନ୍ତି। ରଘୁରାଜପୁର ଗ୍ରାମରେ କଳାକାରମାନେ ଗ୍ରାମର ପ୍ରମୁଖ ସ୍ଥାନଗୁଡ଼ିକରେ ଏଡ୍ସ ପ୍ରତିରୋଧ ଓ ନିୟନ୍ତ୍ରଣ ବିଷୟରେ ବିଭିନ୍ନ ସଚେତନତା ବାର୍ତ୍ତା ନିଜ ତୂଳିରେ ଅତି ନିପୁଣ ଭାବେ ପ୍ରଦର୍ଶିତ କରିଛନ୍ତି। ଏହାସହିତ ଗ୍ରାମର ଯୁବତୀଯୁବକମାନେ ମଧ୍ୟ ତୂଳି ଓ ରଙ୍ଗର ସ୍ପର୍ଶରେ ଏଡ୍ସ ସଂକ୍ରମଣର ସଚେତନତା ବାର୍ତ୍ତାକୁ ନିଜର ଇନ୍ଦ୍ରଧନୁ ବିଚାରରେ ଖୁବ୍ ନିପୁଣ ଭାବେ ଚିତ୍ରଣ କରିଥିଲେ ଯାହା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥିଲା। ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା ଡକ୍ଟର ଉର୍ମିଳା ମିଶ୍ର ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜାତୀୟ ଏବଂ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀଗୁରୁମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଓସାକ୍ସର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ଶ୍ରୀକାନ୍ତ ଶ୍ରୀଚନ୍ଦନ, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ବିଭାଗ, ପୁରୀ, ମନମୋହନ ମିଶ୍ର, ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ରେକର୍ଡ ରୁମ୍‌ରେ ଅବ୍ୟବସ୍ଥା

ପୁରୀ ଅଫିସ,୩୦।୧୧ - ଜିଲା ରେକର୍ଡ ରୁମରେ ଦୀର୍ଘଦିନ ହେବ ଅବ୍ୟବସ୍ଥା ଲାଗିରହିଛି। ଯାହାକୁ ନେଇ ପୁରୀ ଓକିଲମାନଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପୁରୀ ଓକିଲ ସଂଘ ସମ୍ପାଦକ ଶାରଦା ପ୍ରସନ୍ନ ସାମଲ ଏବଂ ଅନ୍ୟ ଓକିଲଙ୍କ ଅଭିଯୋଗ ଅନୁଯାୟୀ, ଜିଲା ରେକର୍ଡ ରୁମ୍‌ରେ କାର୍ଯ୍ୟରତ କର୍ମଚାରୀ ଠିକ ଭାବେ କାର୍ଯ୍ୟାଳୟକୁ ଆସୁ ନାହାନ୍ତି। ଫଳରେ ଦୀର୍ଘଦିନ କାର୍ଯ୍ୟ ଅଟକି ରହୁଛି। ଖାଲି ରେକର୍ଡ ରୁମ ନୁହେଁ ତହସିଲ କାର୍ଯ୍ୟାଳୟରେ ମଧ୍ୟ ସମାବସ୍ଥା ରହିଛି। କାର୍ଯ୍ୟାଳୟରେ ମନମୁଖି କାର୍ଯ୍ୟ ହେଉଥିବାରୁ ଜନସାଧାରଣଙ୍କଠାରୁ ଆରମ୍ଭ କରି ଓକିଲମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ୩ ରୁ ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ବର୍ମା ଓକିଲମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସଂଘ ସମ୍ପାଦକ ସାମଲ ସୂଚନା ଦେଇଛନ୍ତି। ସେହିପରି ଯଦି ସମସ୍ୟାର ସମାଧାନ ଶୀଘ୍ର ନ ହୁଏ ତେବେ ଆଗାମୀ ଦିନରେ ଓକିଲଙ୍କ ପକ୍ଷରୁ କାର୍ଯ୍ୟାଳୟକୁ ତାଲା ପକାଯିବ ବୋଲି କୁହାଯାଇଛି।

### ଭତ୍ତା ବୃଦ୍ଧିକୁ ନେଇ ହିତାଧିକାରୀଙ୍କ ବୈଠକ

କଣାସ,୩୦।୧୧(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର କଣ୍ଢପଡା ଗ୍ରାମର କାଳନ୍ଦିଙ୍କ ପୀଠରେ ମଙ୍ଗଳବାର ତ୍ରିଲୋଚନପୁର ପଞ୍ଚାୟତର ଭତ୍ତା ପାଉଥିବା ହିତାଧିକାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମାନସ ପ୍ରଧାନଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆମ ରାଜ୍ୟରେ ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ୫୦୦ଟଙ୍କା ଭତ୍ତା ପାଉଥିବା ବେଳେ ଅନ୍ୟ ରାଜ୍ୟରେ ୨ହଜାର ଟଙ୍କା ଭତ୍ତା ପାଉଥିବାରୁ ସଭାରେ ଭତ୍ତା ହିତାଧିକାରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଆମ ରାଜ୍ୟରେ ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ମାତ୍ର ୮ଶହ ଟଙ୍କା ଭତ୍ତା ପାଉଥିବାରୁ ଏହାକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଲେଖାଯାଇ ମାନସ ପ୍ରଧାନଙ୍କ ଦ୍ୱାରା ପୁରୀ ଜିଲାପାଳଙ୍କୁ ଦିଆଯାଇଥିଲା।

# ଜମି ମାଫିଆଙ୍କ ବିରୋଧରେ ଭୂମିହୀନଙ୍କ ବିକ୍ଷୋଭ

- ସିପସରୁବାଲି ମୌଜାରେ ମାଫିଆଙ୍କ ଦୌରାତ୍ମ୍ୟ
- ୩୫ ହଜାର ଏକର ଜମିରେ ଚାଲିଛି ବାଲି, କାଠ ଚୋରି

ପୁରୀ ଅଫିସ,୩୦।୧୧:

ଜମି ମାଫିଆଙ୍କ ଜୁଲମ ବିରୋଧରେ ଏକାଠି ହୋଇଛନ୍ତି ହଜାର ହଜାର ଭୂମିହୀନ ପରିବାର। ଜମି ମାଫିଆମାନେ କ୍ରମାଗତ ଭାବେ ଉପକୂଳିଆ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ କରୁଥିବା ବେଳେ ପୋଲିସ ଅଧିକାଂଶ ସମୟ ନୀରବଦ୍ରଷ୍ଟା ସାଜିଛି। ତେଣୁ ମଙ୍ଗଳବାର ଏହି ଭୂମିହୀନ ଲୋକେ ପୁରୀ-ସାତପଡା ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସ ଜମି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି କରିଛନ୍ତି। ଭୂମିହୀନ ପାଇଁ ଲଢୁଥିବା ଉପକୂଳ ଜଙ୍ଗଲ ଜମି ସୁରକ୍ଷା ସମିତି ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିବା ବେଳେ ସମିତିର ଆବାହକ ବଟକୃଷ୍ଣ ସ୍ୱାଇଁଙ୍କୁ ୧୦୦ରୁ ଊର୍ଦ୍ଧ୍ୱ ଦିନ ହେବ କାରାଗାରରେ ବନ୍ଦୀ କରି ରଖାଯାଇଛି। ନିଜ ଅପାରଗତକୁ ଲୁଚାଇବା ପାଇଁ ଭୂମିହୀନମାନଙ୍କ ଉପରେ ଆକ୍ରମଣ କରାଯାଉଛି ବୋଲି ସମିତି ସଭାପତି କହିଛନ୍ତି।

ପ୍ରଶାସନ ନିକଟରେ ସମିତି ଦାବି ରଖିଛି ଯେ, ଭୂମିହୀନଙ୍କ ଉପରେ ଜମି ମାଲିକମାନେ କରୁଥିବା ଆକ୍ରମଣକାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ। ଜଙ୍ଗଲରୁ କାଠ ଓ ବାଲି ଚୋରା ଚାଲାଣ ରୋକାଯାଉ।



ଉପକୂଳ ଜଙ୍ଗଲ ଜମି ସୁରକ୍ଷା ସମିତି ସଦସ୍ୟମାନେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସିପସରୁ ବାଲି ଜଙ୍ଗଲକୁ ଜମି ଓ ବାଲିଆ ମାଫିଆଙ୍କ କବଜାରୁ ରକ୍ଷା କରିବା ଦିଗରେ ପ୍ରଶାସନ ଆଗ୍ରହ ଦେଖାଉ। ଗତ ୨ ତାରିଖରେ ଗୋରୁଆ ଚାରିଛକରେ ୨ ଛାତ୍ରଙ୍କୁ ଆକ୍ରମଣ ହୋଇଥିବା ନେଇ ସଦର ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ପୋଲିସ ପଦକ୍ଷେପ ନେଉନି। ଏଭଳି ମାଫିଆ ଓ ଅପରାଧୀମାନଙ୍କୁ ପୋଲିସ ଗିରଫ କରୁ ବୋଲି ଅଞ୍ଚଳବାସୀ କହିଛନ୍ତି। ୩୫ ହଜାର ଏକର ସିପସରୁବାଲି ମୌଜା ମାଫିଆଙ୍କ କବଜାକୁ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଓ ଭୂମିହୀନମାନେ ବିରୋଧ କରୁଛନ୍ତି। ସମ୍ପୃକ୍ତ ମୌଜାରୁ ବେଆଇନ ଭାବେ ଗଛ କଟାକୁ ବିରୋଧ କରିବାରେ ମାଫିଆମାନେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ଏହିସବୁକୁ ବିରୋଧ କରି ରାସ୍ତାରୋକୋ ହେବାରୁ ଯାତାୟାତ ପ୍ରଭାବିତ ହୋଇଥିଲା। ଖବରପାଇ ପ୍ରଶାସନ ଓ ପୁରୀ ସଦର ଏସ୍‌ଡିପିଓ କିଶୋର ମୁଣ୍ଡ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୨ଦିନ ମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।





ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ମଙ୍ଗଳବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ।

## ଗ୍ୟାସ୍ ଲିକ୍ ହୋଇ ୩ ଦୋକାନ ଜଳିଗଲା

ଗୋପ,୩୦।୧୧(ଡି.ଏନ୍.ଏ)

ଗୋପ ଲକ୍ଷ୍ମୀ ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ଗ୍ୟାସ୍ ସିଲିଣ୍ଡର୍ ଲିକ୍‌ରେ ୨ଟି ଦୋକାନ ସମ୍ପୂର୍ଣ୍ଣ ପୋଡି ଯାଇଥିବାବେଳେ ଆଉ ଗୋଟିଏ ଦୋକାନର ୩୦ ଭାଗ ଜଳି ଯାଇଥିବା ଗୋପ ଦମକଳ କେନ୍ଦ୍ର ପକ୍ଷରୁ ଜଣାପଡିଛି। ଅଗ୍ନିକାଣ୍ଡରେ ୩ଟି ଦୋକାନର ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି। ଦୀର୍ଘଦିନ ଧରି ଲକ୍ଷ୍ମୀ ବଜାରରେ ସୁରେନ୍ଦ୍ର ବେହେରା ଜଳଖିଆ ଦୋକାନ କରିଥିବାବେଳେ ତାଙ୍କ ଦୋକାନ ନିକଟରେ ବେଣୀପୁର ଗ୍ରାମର କାଳନ୍ଦୀ ଦାସଙ୍କ ମନୋହର ଦୋକାନ ଓ ବାବର ଖାଁ ଚିକେନ ଦୋକାନ କରିଥିଲେ। ସୁରେନ୍ଦ୍ର ଗ୍ୟାସ୍ ସିଲିଣ୍ଡର୍ ଲଗାଇ ମିଠା କାମ କରୁଥିବାବେଳେ ଅସାବଧାନତା ଯୋଗୁ ହଠାତ୍ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗି ଯାଇଥିଲା। ୧୫ ମିନିଟ୍ ମଧ୍ୟରେ ଜଳଖିଆ ଦୋକାନ ସହିତ କଡ଼ରେ ଥିବା ୨ଟି ଦୋକାନକୁ ମଧ୍ୟ ନିଆଁ ବ୍ୟାପିଯାଇଥିଲା। ଖବରପାଇ ଗୋପ ଅଗ୍ନିଶମ ବିଭାଗର ସୁକାନ୍ତ କୁମାର ଜେନାଙ୍କ ସହ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀ ସେହି ଗ୍ୟାସ୍ ସିଲିଣ୍ଡରକୁ ନେଇ ନିକଟସ୍ଥ କୁଶଭଦ୍ରା ନଦୀରେ ପକାଇଥିଲେ। ଏ ନେଇ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ୩ରୁ ଅଫ୍‌ଲାଇନରେ ପଞ୍ଜୀକରଣ

**ପୁଣି ସୁଯୋଗ ଦେଲା ବୋର୍ଡ**

- ନବମ ଶ୍ରେଣୀ ସମେଟିଭ -୧ ପରୀକ୍ଷା

କଟକ ଅଫିସ,୩୦।୧୧

ନବମ ଶ୍ରେଣୀ ସମେଟିଭ-୧ ପରୀକ୍ଷା ମଙ୍ଗଳବାର ଶେଷ ହୋଇଛି। ହେଲେ ଏଥିପାଇଁ ନାମ ପଞ୍ଜୀକରଣ କରି ନ ଥିବାରୁ ରାଜ୍ୟର ଶତାଧିକ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ତେବେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ନାମ ପଞ୍ଜୀକରଣ ପାଇଁ ସେମାନଙ୍କୁ ପୁଣିଥରେ ସୁଯୋଗ ଦିଆଯିବ। ଏଥିପାଇଁ ବୋର୍ଡ ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି। ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପଞ୍ଜୀକୃତ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ରୁ ୭ ତାରିଖ ମଧ୍ୟରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଅଫ୍‌ଲାଇନରେ ହେବ। ସ୍କୁଲଗୁଡିକର ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସମସ୍ତ ତଥ୍ୟ ସହ ଆବଶ୍ୟକ ପ୍ରମାଣପତ୍ର ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରି ପଞ୍ଜୀକରଣ କରିପାରିବେ। ପରବର୍ତ୍ତୀ ସମୟରେ ଏଥିପାଇଁ କୌଣସି ତାରିଖ ପରିବର୍ତ୍ତନ ହେବନାହିଁ। ଯଦି କୌଣସି ଛାତ୍ରୀଛାତ୍ର ଏହି ସମୟ ମଧ୍ୟରେ ପଞ୍ଜୀକରଣରୁ ବଞ୍ଚିତ ହୁଅନ୍ତି ତେବେ ସେମାନେ ଦଶମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ହେବେ। ସେମାନେ ଚାହିଁଲେ ପତ୍ର ବିନିୟମ ପାଠ୍ୟକ୍ରମରେ ନାମଲେଖାଇ ଦଶମ ଶ୍ରେଣୀ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି।

ଗତ ୨୬ ତାରିଖରୁ ତିନି ଦିନ ଧରି ଚାଲିଥିବା ଏହି ପରୀକ୍ଷା ଶେଷ ହେବା ପରେ ପ୍ରାୟ ୫୦ ପ୍ରତିଶତ ଛାତ୍ରୀଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାପଡିଥିଲା। ନୂତନ ମୂଲ୍ୟାଙ୍କନ ନୀତି ଅନୁଯାୟୀ, ଯଦି ଜଣେ ନବମ ଶ୍ରେଣୀ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକରଣ କରିନାହାନ୍ତି, ତା'ହେଲେ ସେ ମାଟ୍ରିକ ପରୀକ୍ଷା ଦେଇପାରିବେନାହିଁ। ଏଥିସହ ଯଦି ଛାତ୍ରୀଛାତ୍ର ନବମ ଶ୍ରେଣୀ ସମ୍ମେଟିଭ-୧ କିମ୍ବା ୨ର ମଧ୍ୟରୁ କୌଣସି ଗୋଟିଏ ପରୀକ୍ଷା ଦେଇ ନ ଥିବେ, ତା'ହେଲେ ସେ ଦଶମ ଶ୍ରେଣୀ ସମେଟିଭ-୧ ପାଇଁ ଫର୍ମପୂରଣ କରିପାରିବେ ନାହିଁ।

## ଅଗ୍ନିକାଣ୍ଡରେ ୩ ଗାଈ ଜୀବନ୍ତ ଦଗ୍ଧ

ଡେଲାଙ୍ଗ,୩୦।୧୧(ଡି.ଏନ୍.ଏ)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ମାଛପଡ଼ା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ପୋଡ଼ିବା ସହ ୩ ଗାଈ ଜୀବନ୍ତ ଦଗ୍ଧ ହୋଇଛନ୍ତି। ରାତି ପ୍ରାୟ ୧.୩୦ ସମୟରେ ଗୁହାଳ ଘରେ ନିଆଁ ଲାଗିଥିବା ପରିବାର ଲୋକେ ଜାଣିବାକୁ ପାଇଲେ। ଗ୍ରାମବାସୀଙ୍କ ସହ ନିଆଁ ଲିଭେଇବାକୁ ବହୁ ଉଦ୍ୟମ କରିଥିଲେ ମଧ୍ୟ ନିଆଁ ଆୟତ୍ତକୁ ଆସି ନ ଥିଲା। ଏହି ଅଗ୍ନିକାଣ୍ଡରେ ଗୋଖାଦ୍ୟ ସହ ୩ଟି ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଘଟଣାସ୍ଥଳରେ ଡେଲାଙ୍ଗ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ଓ ସ୍ଥାନୀୟ ଆରଆଇ ପହଞ୍ଚି ବିପନ୍ନ ପରିବାରଙ୍କୁ ପଲିଥିନ ପ୍ରଦାନ କରିଛନ୍ତି। ଏ ନେଇ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି।

## ୨ ଓଡ଼ିଆ ଶହୀଦ ଯବାନଙ୍କ ପରିବାରଙ୍କୁ ସମ୍ମାନ

ପୁରୀ ଅଫିସ,୩୦।୧୧

ଭାରତ ସରକାରଙ୍କ ଆହ୍ୱାନକ୍ରମେ ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ଓ ଏନ୍ ସି ସି ବିଜୟ ଶୃଙ୍ଖଳା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀ ଆନୁକୂଲ୍ୟରେ ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ପରିବାରକୁ ସମ୍ମାନିତ କରିବା ଉପଲକ୍ଷେ ଏକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଭାରତରେ ୧୯୭୧ ଯୁଦ୍ଧରେ ଶହୀଦ ହୋଇଥିବା ୭୫ଜଣ ବୀରଙ୍କ ପରିବାରକୁ ୭୫ଟା ସ୍ଥାନରେ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିବାବେଳେ ସେଥି ମଧ୍ୟରେ ପୁରୀ ଅନ୍ୟତମ। ଉକ୍ତ ଯୁଦ୍ଧରେ ଶହୀଦ ହୋଇଥିବା ଓଡ଼ିଶାର ୨ ବୀର ଶହୀଦ ଫ୍ଲାଇଂ ଅଫିସର ପ୍ରକାଶ ସାହୁ ଏବଂ ଗାର୍ଡ କାଶୀନାଥ ସାହୁଙ୍କ ପରିବାରଙ୍କୁ ପୁରୀର ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନରେ ଉତ୍ତରୀୟ, ମାନପତ୍ର ଏବଂ ଆର୍ଥିକ ରାଶି ଦିଆଯାଇ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶହୀଦ ଗାର୍ଡ କାଶୀନାଥ ସାହୁଙ୍କ ସ୍ତ୍ରୀ ପ୍ରଶାନ୍ତି ଓ ଶହୀଦ ପ୍ରକାଶ ସାହୁଙ୍କ ଭାଇ ପ୍ରଭାତ ସମ୍ମାନ ଗ୍ରହଣ କରିଥିଲେ। ଏଥିରେ ଉଭୟେ ନିଜର ବିଗତ ଦିନର ଅନୁଭୂତି, ତ୍ୟାଗ ତଥା ସଂଘର୍ଷର କାହାଣୀ ପ୍ରକାଶ କରିଥିଲେ। ଷଷ୍ଠ ଓଡ଼ିଶା ଏନ୍‌ସିସିର ଭାରପ୍ରାପ୍ତ କମାଣ୍ଡିଂ ଅଫିସର କୋଲୋନେଲ ପ୍ରସନ୍ନ ପଣ୍ଡାଙ୍କ ସଭାପତିତ୍ୱରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇଥିଲେ। ଏନ୍‌ସିସି ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ ଦ୍ୱାରା ପରିଚାଳିତ ସର୍ବଭାରତୀୟ ଏନ୍‌ସିସିର 'ସି' ସାର୍ଟିଫିକେଟ ପରୀକ୍ଷାରେ ବିଗତ (୨୦୨୦-୨୧) ବର୍ଷ ମୋଟ ୫୦୩ ମାର୍କ ରଖିବା ସହ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୁରୀର ଏସ୍‌ସିଏସ୍ କଲେଜର ରୋଜି ମହାପାତ୍ରଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଉକ୍ତ କଲେଜର ଏନ୍‌ସିସି ଅଧିକାରୀ ଡ. ସଞ୍ଜୟ ସୁନ୍ଦରାୟ, ଡ. ଶୁଭେନ୍ଦୁ ମିଶ୍ର, ଦୟାବିହାର କଲେଜର ଡ. ପ୍ରତାପ ହରିଚନ୍ଦନ ପରିଚାଳନା କରିଥିଲେ।

## କୁପୋଷଣ, ଡେଙ୍ଗୁ ସଚେତନତା ଶିବିର

ପୁରୀ ଅଫିସ,୩୦।୧୧

ଭାରତ ବିକାଶ ପରିଷଦ, ଶ୍ରୀଜଗନ୍ନାଥ ଧାମ ଶାଖା ମହିଳା ସହଭାଗିତାରେ ସ୍ଥାନୀୟ ନୀଳଚକ୍ର ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ରକ୍ତହୀନତା, କୁପୋଷଣ ଓ ଡେଙ୍ଗୁ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତୀୟ ଉପାଧ୍ୟକ୍ଷ ସୁପ୍ରୀତି ରଥ, ପ୍ରାନ୍ତୀୟ ସଂଗଠନ ସଚିବ ସୌମେନ୍ଦ୍ର ଦାସ, ଶାଖା ସଭାପତି ମୁକ୍ତିକାନ୍ତ ଦାଶ, ସଚିବ ଗୋବିନ୍ଦଚନ୍ଦ୍ର ଷଡ଼ଙ୍ଗୀ, ଆବାହକ ମୋନାଲିସା ପଟ୍ଟନାୟକ, ନୀଳଚକ୍ର ଆଞ୍ଚଳିକ ମହିଳା ମହାସଂଘ ସଭାପତି ସୁବାସିନୀ ଦାଶ ଏବଂ ଅଙ୍ଗନୱାଡ଼ି କର୍ମୀ ରାଜଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡ. ଲକ୍ଷ୍ମୀପ୍ରିୟା ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ଡେଙ୍ଗୁ ଜ୍ୱର କାହିଁକି ହୁଏ, କୁପୋଷଣ ଓ ରକ୍ତହୀନତା ନେଇ ସଚେତନ କରାଇଥିଲେ। ଡେଙ୍ଗୁ ଭୂତାଣୁ ଜନିତ ରୋଗ, ଯାହାକି ଏଡିସ ମଶା ଦ୍ୱାରା ଶରୀରରେ ପ୍ରବେଶ କରି ପୀଡା ସୃଷ୍ଟି ହୁଏ। ପରେ ପ୍ରବଳ ଜ୍ୱର ଏହାର ମୁଖ୍ୟ ଲକ୍ଷଣ। ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଆମେ ସତର୍କତା ରହିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଆବାହକ ମୋନାଲିସା ପଟ୍ଟନାୟକ ନିୟମିତ ମଶାରି ବ୍ୟବହାର କରିବାକୁ କହିଥିଲେ। ପରିଷଦ ତରଫରୁ ମହିଳାମାନଙ୍କୁ ମଶାରି ଦିଆଯାଇଥିଲା। ଭାରତ ବିକାଶ ପରିଷଦ ତରଫରୁ ବୁଧଦେବ ମହାପାତ୍ର, ପଦ୍ମଲୋଚନ ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ହାରାମଣି ଦେବୀ, କୁନା ବାରିକ ଏବଂ ରାଜୀବ ଲୋଚନ ରଥ ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ଦିଲ୍ଲୀରେ ମେଡାଲ ଜିତିଲେ ପୁରୀର ପ୍ରଶାନ୍ତ

ପୁରୀ ଅଫିସ,୩୦।୧୧

୩୪ତମ ଭାରତୀୟ ଡାକ ବିଭାଗୀୟ କୁସ୍ତି ପ୍ରତିଯୋଗିତା ନ୍ୟୁ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀର ଇନ୍ଦିରା ଷ୍ଟାଡିୟମ ପରିସରରେ ଗତ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପୁରୀର ପ୍ରଶାନ୍ତ ବିଶ୍ୱାଳ ମେଡାଲ ଜିତି ପୁରୀ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ଡାକ ବିଭାଗ ପକ୍ଷରୁ ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରଶାନ୍ତ ଥିଲେ। ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ସମୁଦାୟ ୯ଟି ମେଡାଲ ଜିତିଥିବା ବେଳେ ସେଥିରୁ ପ୍ରଶାନ୍ତ ୨ଟି ମେଡାଲ ଜିତିଛନ୍ତି। ପ୍ରଶାନ୍ତ ୫୫ କେଜି ଓଜନରେ ଗ୍ରୀକୋ ରୋମାନ ଏବଂ ୫୭ କେଜି ଓଜନର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରଶାନ୍ତ ମେଡେଲ ଜିତିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିଛି। ସେ ବର୍ତ୍ତମାନ ଭୁବନେଶ୍ୱର ପୋଷ୍ଟାଲରେ କାର୍ଯ୍ୟରତ ଅଛନ୍ତି।



## ଶିକ୍ଷାବିତ ନାରାୟଣଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ପୁରୀ ଅଫିସ ୩୦।୧୧

ପୁରୀ ଚନ୍ଦନପୁର ଅନ୍ତର୍ଗତ ବୀର ନରସିଂହ ପୁର ଗ୍ରାମର ସ୍ୱର୍ଗତ ନାରାୟଣ ମହାପାତ୍ର ଏବଂ ତାଙ୍କ ଧର୍ମ ପତ୍ନୀ ସ୍ୱର୍ଗତା ରାଧାମଣି ଦେବୀଙ୍କ ପ୍ରତିମୂର୍ତ୍ତି ମଙ୍ଗଳବାର ତାଙ୍କ ନିଜସ୍ୱ ବାସ ଭବନ ନିକଟରେ ଉନ୍ମୋଚିତ ହୋଇଛି। ସ୍ୱର୍ଗତ ନାରାୟଣ ଏକା ଧାରାରେ ଶିକ୍ଷକ, ଲେଖକ ଏବଂ ସମାଜସେବୀ ଥିଲେ। ସେହିପରି ତାଙ୍କ ଧର୍ମିଣୀ ମଧ୍ୟ ଜଣେ ଧର୍ମପରାୟଣତା ଥିଲେ। ଉଭୟଙ୍କ ସ୍ନେହ, ମମତା ଏବଂ ପରୋପକାରିତା କାର୍ଯ୍ୟ ପାଇଁ ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ସ୍ମରଣୀୟ ଥିଲେ। ସ୍ୱର୍ଗତା ରାଧାମଣିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ସ୍ୱର୍ଗତ ମହାପାତ୍ରଙ୍କ ଛାତ୍ର ଇଂ ନାରାୟଣ ଶତପଥୀ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସେହିପରି ସ୍ୱର୍ଗତ ମହାପାତ୍ରଙ୍କ ରଚିତ ସାହିତ୍ୟ କୃତିକୁ ନେଇ ୪୦୦ ପୃଷ୍ଠା ବିଶିଷ୍ଟ ନାରାୟଣ ସାହିତ ସଂକଳନ ଉନ୍ମୋଚିତ ହୋଇଥିଲା। ଏଥିରେ ପ୍ରଫେସର ଡ. ପ୍ରଫୁଲ୍ଲ ରଥ ଯୋଗଦେଇ ସାହିତ୍ୟ ସଂକଳନକୁ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାପାତ୍ରଙ୍କ ଛାତ୍ରୀଛାତ୍ର, ଆତ୍ମୀୟସ୍ୱଜନ, ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସ୍ୱର୍ଗତ ନାରାୟଣଙ୍କ ପୁତ୍ର କୃଷ୍ଣଚନ୍ଦ୍ର ପରିଚାଳନା କରିଥିଲେ।

## ୧୪୪ ସତ୍ତ୍ୱେ ଖଣିରୁ ପଥର ଖନନ

ଡେଲାଙ୍ଗ,୩୦।୧୧(ଡି.ଏନ୍.ଏ)

ଡେଲାଙ୍ଗ ଥାନା ଅଧୀନ ଯମୁନାଝାରପଡ଼ା ମୌଜାର ଜଙ୍ଗଲ ରାସ୍ତା ଓ ଗୋଚରଜମିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗତ ୧୦ ତାରିଖରୁ ୧୪୪ ଧାରା ଜାରି ହୋଇଥିଲା। ହେଲେ ମାଫିଆମାନେ ଏହାକୁ ବେଖାତିର କରି ପୁଣିଥରେ ପଥର ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଟିମ୍ ସହ ସୋମବାର ରାତିରେ ସେଠାରେ ଚଢ଼ାଉ କରିଥିଲେ। ପୋଲିସ ଗାଡ଼ି ଦେଖି ମାଫିଆମାନେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ପୋଲିସ ୪ଟି ପାୱାର ଟିଲର ମେଶିନ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରିଛି।

## ରାଜପଥରେ ଲୁଟ୍ ଘଟଣା, ୩ ଗିରଫ

**ଛୁରି, ବାଇକ୍, ସୁନା ଜବତ**

ପିପିଲି,୩୦।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ଥାନା ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥରେ ଲୋକଙ୍କଠାରୁ ଲୁଟ, ଛିନ୍ତାଇ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପିପିଲି ପୋଲିସ। ସେମାନେ ହେଲେ ପିପିଲି ଥାନା ଭବାନୀପୁର ନିକଟ ଗୁଆଲିଆ ସାହିର ମହମ୍ମଦ ଅରମାନ ଓରଫ ଆରମାନ ସା, ବଳଙ୍ଗା ଥାନା ଗେଣ୍ଡାମାଳର ରୁଦ୍ରନାରାୟଣ ଓରଫ ବାବୁ ଓରଫ ଗୁନୁ ସ୍ୱାଇଁ ଓ ଅବାସ ସା ଓରଫ ଅବୁ(୨୩)। ପୋଲିସ ସେମାନଙ୍କଠାରୁ ୬ ମୋବାଇଲ,୧ଟି ରୁପା ବ୍ରେସଲେଟ, ପଲସର ବାଇକ୍ ସହ ୨ଟି ବ୍ୟବହୃତ ଛୁରିକୁ ଜବତ କରାଯାଇଥିବା ନେଇ ଥାନା ପରିସରରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି।

ନଭେମ୍ବର ୨୭ତାରିଖରେ ପିପିଲି ଥାନା ଅଧୀନ ଜାତୀୟ ରାଜପଥରେ ୨ଟି ଲୁଟ ଘଟଣା ହୋଇଥିଲା। ଅଭିଯୋଗ ମୁତାବକ ୬ଜଣ ଯୁବକ ୨ଟି ବାଇକ୍‌ରେ ଆସି ପିପିଲି ଟୋଲଗେଟ ଓ ଦାଣ୍ଡମୁକୁନ୍ଦପୁର ଭଗୁଆ ବାଙ୍କ ମଧ୍ୟବର୍ତ୍ତୀ ଅଞ୍ଚଳରେ ୨ଜଣ ବ୍ୟକ୍ତିଙ୍କଠାରୁ ଛୁରି ଦେଖାଇ ୨ଟି ଦାମୀ ମୋବାଇଲ, ୨ହଜାର ଟଙ୍କା ଓ ରୁପା ବ୍ରେସଲେଟ ଲୁଟି ନେଇଯାଇଥିଲେ। ଅଭିଯୋଗକ୍ରମେ ଏସ୍‌ପି ଡ.କେ ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଏସଡିପିଓ ଓ ଥାନାଧିକାରୀ ଅଭିମନ୍ୟୁ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଧରିଥିଲା।

## ପ୍ରତିଯୋଗୀଙ୍କ ନାଚରେ ଦର୍ଶକ ବିଭୋର

**ଡ୍ୟାନ୍ସ ପୁରୀ ଡ୍ୟାନ୍ସ ପ୍ରତିଯୋଗିତା**

ପୁରୀ ଅଫିସ, ୩୦।୧୧

ରୁଦ୍ରାଣୀ ପ୍ରଡକ୍ସନ୍ ଏବଂ ରଙ୍ଗାରଙ୍ଗ କଲଚରାଲ ଏକାଡେମୀର ମିଳିତ ଆନୁକୂଲ୍ୟରେ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଡ୍ୟାନ୍ସ ପୁରୀ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ଭବାନୀ ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ନୃତ୍ୟ, ଗୀତକୁ ଶ୍ରୀକ୍ଷେତ୍ରରେ ବହୁଳ ଭାବେ ପ୍ରସାର କରିବା ଦିଗରେ ରଙ୍ଗାରଙ୍ଗ ଅନୁଷ୍ଠାନ ସର୍ବଦା ଚେଷ୍ଟା କରୁଛି, ଯାହା ଆନନ୍ଦର ବିଷୟ। ସମ୍ମାନିତ ଅତିଥି ଶ୍ରୀମନ୍ଦିର ବରିଷ୍ଠ ସେବକ ଭଗବାନ ସୁଆର, ର୍‌ୟାପ ଓ ଡ୍ୟାନ୍ସ ଗ୍ରୁପ୍‌ର ପ୍ରତିଷ୍ଠାତା ସୁଶାନ୍ତ ନାୟକ, ରୁଦ୍ରାଣୀ ପ୍ରଡକ୍ସନର ପ୍ରତିଷ୍ଠାତ୍ରୀ ଅଞ୍ଜଳି ରଥ, ସୁଶ୍ରୀ ନାରୀଶକ୍ତି ସଂଗଠିକା ଅରୁଣିମା ନନ୍ଦ, ଅଧ୍ୟାପକ ଦୟାନିଧି ପଣ୍ଡା ଏବଂ ମାହାରୀ ନୃତ୍ୟଗୁରୁ ଚନ୍ଦ୍ରିକା ରଣା ପ୍ରମୁଖ ଯୋଗଦେଇଥିଲେ। ଗୁରୁ ଦୁର୍ଗାପ୍ରସାଦ ପାଣ୍ଡେ ଓ ଆର.କେ. ଗ୍ରୁପ୍‌ର କଳାକାରଙ୍କ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ରଙ୍ଗାରଙ୍ଗ ଅନୁଷ୍ଠାନ ସମ୍ପାଦକ ସନ୍ତୋଷ ବାରିକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀଙ୍କ ନାଚ ଦେଖି ଦର୍ଶକ ବିଭୋର ହୋଇଯାଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା କୃଷକ ମଞ୍ଚ ସମ୍ପାଦକ ଅକ୍ଷୟ ମହାନ୍ତି, ପୂଜା ପ୍ରଧାନ, ବନ୍ଦନା ବେହେରା, ରବି ପଟ୍ଟନାୟକ, ସୁପ୍ରିୟା ବାରିକ, ଅର୍ପିତା ପଟ୍ଟନାୟକ, ଲଲାଟେନ୍ଦୁ ମିଶ୍ର ଏବଂ ଡ.ପବିତ୍ର ପ୍ରଧାନ ମଞ୍ଚ ସଞ୍ଚାଳନା କରିବା ସହ ପରିଚାଳନା କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ମଧୁସ୍ମିତା ପଟ୍ଟନାୟକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।





ଡ୍ୟାନ୍ସ ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ ପ୍ରସ୍ତୁତି ବୈଠକ**

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ ପାଇଁ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସୁରେଶ୍ୱର ସରପଞ୍ଚ ମହେଶ୍ୱର ବାରିକ ସଭାପତିତ୍ୱ କରିଥିଲେ। ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଅସୁରେଶ୍ୱର ଖେଳପଡିଆଠାରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ନେଇ ଆଲୋଚନା କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ବହୁ ଫୁଟବଲ ଦଳ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଜୟ କୁମାର ବଳଙ୍କ ସୂତ୍ରରୁ ପ୍ରକାଶ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ନାୟକ, ଅନନ୍ତ ଦାସ, ବନମାଳି ସାହୁ, ବାବାଜୀ ଚରଣ ସାହୁ, ରବୀନ୍ଦ୍ରନାଥ ବେହେରା, ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇଥିଲେ।



## ସଂକ୍ଷେପରେ

### ୩ ପୁସ୍ତକ ଲୋକାର୍ପିତ

**କଟକ ଅଫିସ, ୩୦।୧୧:** କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିଶ କୁମାର ମିଶ୍ର ଓ କମଳ କୁମାରୀ ଦାଶଙ୍କ ଦ୍ୱାରା ରଚିତ କାବ୍ୟ ପୁସ୍ତକ 'ମୁଗ୍ଧ ମାଧବ'ର ଦ୍ୱିତୀୟ ଭାଗ, ଉପନ୍ୟାସ 'ଲକେଟ୍' ଓ କ୍ଷୁଦ୍ରଗଳ୍ପ ସଂକଳନ 'ଜୀବନର ପଥଧାରେ' ଲୋକାର୍ପିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂ ମୁଖ୍ୟ ଅତିଥି, ପ୍ରଫେସର ରଘୁନାଥ ପଣ୍ଡା, ଡ. ବାବାଜୀ ଚରଣ ପଟ୍ଟନାୟକ ଓ ମିହିର କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ କମଳ ମାହୁନ୍ତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ଅମିୟବାଳା ପରିଜା ଧନ୍ୟବାଦ ଦେଇଥିଲେ।

### ଆଦ୍ୟ ଶୈଶବକାଳୀନ ଯତ୍ନ, ଶିକ୍ଷା ତାଲିମ ଶିବିର

**ବାଙ୍କୀ,୩୦।୧୧(ସ୍ୱ.ପ୍ର.):** ଡମପଡା ବ୍ଲକ ସମ୍ମିଳନୀ କକ୍ଷରେ ଅକ୍ଟୋବର ୨୫ତାରିଖଠାରୁ ୭ଟି ସେକ୍ଟରର ଅଙ୍ଗନୱାଡି କର୍ମୀଙ୍କୁ ପର୍ଯ୍ୟାୟକ୍ରମେ ଆଦ୍ୟ ଶୈଶବ କାଳୀନ ଯତ୍ନ ଓ ଶିକ୍ଷା ତାଲିମ ଶିବିର ମଙ୍ଗଳବାର ଶେଷ ହୋଇଛି। ପାଥପୁର, ଡମପଡ଼ା, ତାଳବସ୍ତ, ଦୁଲଣାପୁର, ଢ଼ଁସର, ଏନ୍‌ଏସି ପ୍ରଭୃତି ସେକ୍ଟରର ଥିବା ଅଙ୍ଗନୱାଡି କର୍ମୀଙ୍କୁ ଶିବିରରେ ଅରୁଣିମା, ପୋଷଣ, ଆଦ୍ୟ ଶୈଶବର ଯତ୍ନ, ଶିକ୍ଷା ସମ୍ପର୍କରେ ତାଲିମ୍ ଦିଆଯାଇଥିଲା। ଘରେ ଘରେ ଅରୁଣିମା କିପରି ପ୍ରତ୍ୟେକ ସପ୍ତାହରେ ନୂଆ ନୂଆ ବିଷୟରେ କରାଯାଇ ପାରିବ ସୁପରଭାଇଜରମାନେ ବୁଝାଇ ଥିଲେ। ଶିବିରକୁ ସିଡିପିଓ ଫୁଲରାଣୀ ବେହେରା ପରିଚାଳନା କରିଥିଲେ। ସୁପରଭାଇଜର ଆରତି ସାମଲ, ଜ୍ୟୋର୍ତିମୟୀ ପ୍ରଧାନ, ଛବିରାଣୀ ଗୋଗୋରେଇ, ଛିତ୍ରା ହେମ୍ବ୍ରମ୍ ପ୍ରଭୃତି ଅଙ୍ଗନୱାଡି କର୍ମୀଙ୍କୁ ୩ ଗୋଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରିଥିଲେ।

### ଜୟମାଳା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ):** ସାମାଜିକ ଏବଂ ସାଂସ୍କୃତିକ ସଂଗଠନ ଜୟମାଳା ପକ୍ଷରୁ ରବିବାର ସ୍ଥାନୀୟ ପାନ୍ଥନିବାସଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରୀତା ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଏସ୍‌ଇଜେଡ୍‌ର ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ଏବଂ ଗୃହ ବିଭାଗର ଡେପୁଟି ସଚିବ ପ୍ରଣବ ଦେ ଯୋଗଦେଇ କାର୍ଯ୍ୟକ୍ରମକୁ ଜାରି ରଖିବାକୁ କହିଥିଲେ। ଅନୁଷ୍ଠାନ ପକ୍ଷରୁ ଏକ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ସାଗରିକା ପଟ୍ଟନାୟକ, ସାରଦା ମିଶ୍ର, ଅନିନ୍ଦିତା ଦାସ, ଲିକାଲି ମହାପାତ୍ର, ପ୍ରଦୀପ୍ତ ସାହୁ, ଜିଜ୍ଞାସା ଡାକୁଆ, ଯୋଗିତା ପାତ୍ର, ଜ୍ୟୋର୍ତିର୍ମୟୀ ଦ୍ୱିବେଦୀ, ସ୍ପନ୍ଦନିକା ପଟ୍ଟନାୟକ, ଡକ୍ଟର. ସୁବାସ ସାହୁ, ଡକ୍ଟର ନିହାର ରଞ୍ଜନ ପଟ୍ଟନାୟକ, ଗୀତାଞ୍ଜଳି ପଟ୍ଟନାୟକ, ନିରନ ମହାପାତ୍ର, ତୃପ୍ତି ସାହୁ, ଆଦିତ୍ୟ ଦାସ, ରିସା ମିଶ୍ର ଏବଂ ସୌଭାଗ୍ୟଲକ୍ଷ୍ମୀ ପ୍ରମୁଖ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ପୁଷ୍ପଙ୍କ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଆୟକର ଭବନ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା

**କଟକ ଅଫିସ, ୩୦।୧୧:** ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ କଟକ ଆୟକର ଭବନ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସଙ୍କୁ କଳା, ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ପଦଯାତ୍ରାରେ ଅଂଶଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଣିଗ୍ରାହୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପାଣିଗ୍ରାହୀ ପଦୋନ୍ନତି ପାଇ ବମ୍ବେ ଆୟକର ବିଭାଗ ମୁଖ୍ୟ କମିଶନର ଭାବେ ଅବସ୍ଥାପିତ ହୋଇଛନ୍ତି। ଏହି ସଭାରେ ପ୍ରଧାନ ଆୟକର ଆୟୁକ୍ତ ସସ୍ମିତା ମିଶ୍ର ଉପସ୍ଥିତ ଥିଲେ। ଆୟକର ନିରୀକ୍ଷକ ଶିବ ପ୍ରସାଦ ରଥ ସଭା ପରିଚାଳନା କରିଥିବାବେଳେ ହିନ୍ଦୀ ଅନୁବାଦିକା ପ୍ରୀତିମଞ୍ଜରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୮ବର୍ଷ ପରେ ବି ବଦଳି ହେଉନାହାନ୍ତି ଅଧିକାରୀ

**କଟକ ଅଫିସ,୩୦।୧୧**

**କଟକ ମହାନଗର ନିଗମ**




କଟକ ମହାନଗର ନିଗମ(ସିଏମ୍‌ସି)ରେ ବହୁ ଅଧିକାରୀ ଦୀର୍ଘ ବର୍ଷ ଧରି ବଦଳି ହେଉନାହାନ୍ତି। କେଉଁ ଅଧିକାରୀ ୫ବର୍ଷ ତ ଆଉ କିଏ ୮ବର୍ଷରୁ ଊର୍ଦ୍ଧ୍ୱ ସମୟ ରହିଲେଣି, ତଥାପି ସେମାନଙ୍କ ପଦବୀ ମୋହ ଛାଡୁନି। ବିଶେଷଭାବେ ସିଏମ୍‌ସି ଇଞ୍ଜିନିୟରିଂ ବିଭାଗର ଯନ୍ତ୍ରୀମାନେ ଏହି ଜାଗା ଛାଡ଼ି ଯିବାକୁ ମନ ବଳାଉନାହାନ୍ତି। ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ୧୭ ଯନ୍ତ୍ରୀ ଏଠାରେ ଅବସ୍ଥାପିତ ଅଛନ୍ତି। ସେମାନଙ୍କ ବଦଳି ନ ହେବା ପଛରେ ମୋଟା ଅଙ୍କର ପିସି ଆଦାୟର ମୋହ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହି ଯନ୍ତ୍ରୀମାନଙ୍କ ମଧ୍ୟରେ ୨୦୧୩ ସେପ୍ଟେମ୍ବର ୨୩ରେ ଡେପୁଟି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ନନ୍ଦ କିଶୋର ପାଲ ଓ ୨୦୧୬ ମେ' ୧୮ରେ ନିର୍ବାହୀଯନ୍ତ୍ରୀ ଭାଗ୍ୟଧର ସାହୁ କାର୍ଯ୍ୟରେ ଯୋଗଦେଇଥିଲେ। ଉଭୟ ଏବେ ବି କାର୍ଯ୍ୟ କରୁଛନ୍ତି। ସେହିପରି ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ମନୋଜ ଦେବତା, ଦିଲୀପ କୁମାର ସାହୁ, ସଞ୍ଜୀବ କୁମାର ପ୍ରଧାନ, ସୁଶାନ୍ତ କୁମାର ଭୂୟାଁ, ପ୍ରଭାସ ଚନ୍ଦ୍ର ବିଶ୍ୱାଳ, ଶ୍ରବଣ କୁମାର ମହାନ୍ତି, ସୁବାସ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ଲଳିତେନ୍ଦୁ ନାୟକ, ବିପିନ ବିହାରୀ ପ୍ରଧାନ, ଗୀତାରାଣୀ ସାହୁ, ପ୍ରତାପ କୁମାର ସାମଲ(ସିଭିଲ), ସ୍ୱାଗତିକା ମହାନ୍ତି ଓ ପ୍ରତାପ କୁମାର ସାମଲ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସିଏମ୍‌ସିରେ କାର୍ଯ୍ୟରତ ଅଛନ୍ତି। ସେହିପରି ୨୨ଜଣ ବରିଷ୍ଠ ସହାୟକ ଓ ୩୬ଜଣ କନିଷ୍ଠ ସହାୟକ ୩ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି।

ଏ ସମ୍ପର୍କରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ସିଏମ୍‌ସିର କେତେଜଣ ଅଧିକାରୀ ସଲାସୁତରାରେ କାର୍ଯ୍ୟ କରୁଛନ୍ତି। ସେମାନେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଠିକାଦାରଙ୍କଠାରୁ ପିସି ନେଇ ରାଜନୈତିକ ନେତୃବୃନ୍ଦଙ୍କୁ ଦେଉଛନ୍ତି। ଗୋଟିଏ ସ୍ଥାନରେ କୌଣସି ଅଧିକାରୀ ବା କର୍ମଚାରୀ ବହୁବର୍ଷ ଧରି ରହିଲେ ସେମାନେ ଦୁର୍ନୀତିରେ ଲିପ୍ତ ହେବାର ଆଶଙ୍କା ରହିଛି। ସେଥିପାଇଁ ଗୋଟିଏ ସ୍ଥାନରେ ୩ବର୍ଷ କାର୍ଯ୍ୟ କରିବା ପରେ ସହକାରୀ ଯନ୍ତ୍ରୀ, ଅଧିକାରୀ କିମ୍ବା କର୍ମଚାରୀଙ୍କ ବଦଳି କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏଠାରେ ଏହାର ଉଲ୍ଲଂଘନ କରାଯାଉଛି ବୋଲି ମୋକିମ୍ କହିଛନ୍ତି। ଡେପୁଟି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ନନ୍ଦକିଶୋର କହିଛନ୍ତି, ମୁଁ ୮ବର୍ଷ ହେଲା ରହିଲିଣି। ନଗର ଉନ୍ନୟନ ବିଭାଗରୁ ସିଏମ୍‌ସିକୁ ଡେପୁଟେଶନରେ ଆସିଛି। ମୂଳ ଜାଗାକୁ ବଦଳି ପାଇଁ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିଥିଲି। ବଦଳି ହେଲେ ନିଶ୍ଚୟ ଯିବି। ସେହିପରି ନିର୍ବାହୀଯନ୍ତ୍ରୀ ଭାଗ୍ୟଧର କହିଛନ୍ତି, କାହିଁକି ୩ବର୍ଷରୁ ଅଧିକ ସମୟ ରହିଛୁ, ସେନେଇ ସରକାରଙ୍କୁ ପଚାରନ୍ତୁ। ସରକାର ଯେଉଁଠି କି ପଠାଇବେ ଆମେ ସେଠାକୁ ଯିବୁ। ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ କହିଛନ୍ତି, ବଦଳି ହେଲେ ଯିବି। ନ ଯିବାର କିଛି କାରଣ ନାହିଁ। ଅନ୍ୟପକ୍ଷରେ ସହକାରୀ ଯନ୍ତ୍ରୀ ମନୋଜଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରିଦେଇଥିଲେ। ଏନେଇ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ମତାମତ ମିଳିପାରି ନାହିଁ।

### ବିଜେଡିର ୨୮ ନଂ. ଜୋନ ସ୍ତରୀୟ ବୈଠକ

**ନିଶ୍ଚିନ୍ତକୋଇଲି,୩୦।୧୧(ସ୍ୱ.ପ୍ର.)**

କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ୨୮ ନଂ. ଜିଲା ପରିଷଦ ଜୋନ ବିଜେଡିର ଏକ କର୍ମୀ ସମ୍ମିଳନୀ ମଙ୍ଗଳବାର ଇଶାଣୀବରହମପୁର ସାଂସ୍କୃତିକ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଶାଣୀବରହମପୁର ପଞ୍ଚାୟତ ବିଜେଡି ସଭାପତି ସୁଶାନ୍ତ କୁମାର ସେଠୀ ସଭାପତିତ୍ୱ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ନାୟକ, ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ବିଜେଡି ସମ୍ପାଦକ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।



କଟକ ଗ୍ରୁପ ୩(ଓଡ଼ିଶା) ନାଭାଲ ଏନ୍‌ସିସି ପକ୍ଷରୁ ଚିଲିକା ହ୍ରଦରେ ଚାଲିଥିବା ନୌକାୟନ ଅଭିଯାନରେ ସାମିଲ ଏନ୍‌ସିସି କ୍ୟାଡେଟ୍।

## ନୌକାୟନ ଅଭିଯାନ ଉଦ୍‌ଯାପିତ

**କଟକ ଅଫିସ,୩୦।୧୧**

କଟକ ଗ୍ରୁପ ୩(ଓଡ଼ିଶା) ନାଭାଲ ଏନ୍‌ସିସି ପକ୍ଷରୁ ଚିଲିକା ହ୍ରଦରେ ଚାଲିଥିବା ନୌକାୟନ ଅଭିଯାନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଟକ ଗ୍ରୁପ୍ ଏନ୍‌ସିସିର ଗ୍ରୁପ କମାଣ୍ଡର କଲୋନେଲ ରଜିନିଶ୍ କପୁର ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଉଦ୍‌ବୋଧନ କରିଥିଲେ। ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୬୦ ଜଣ ଏନ୍‌ସିସି କ୍ୟାଡେଟ ଭାଗ ନେଇଥିଲେ। କ୍ୟାଡେଟ୍‌ମାନେ ବୋଟ୍‌ରେ କାଳିଜାଇ, ଗୁପ୍ତେଶ୍ୱର, ନଳବଣ, ରମ୍ଭା ଏବଂ କୃଷ୍ଣପ୍ରସାଦକୁ ଯାଇଥିଲେ। ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା କ୍ୟାଡେଟମାନଙ୍କ ମଧ୍ୟରେ ନେତୃତ୍ୱ, ଆତ୍ମବିଶ୍ୱାସ, ଅନୁଶାସନ, ଉତ୍ସାହ ଏବଂ ଆତ୍ମନିର୍ଭରଶୀଳତା ସୃଷ୍ଟି କରିବା। ଅଭିଯାନରେ କ୍ୟାମ୍ପ କମାଣ୍ଡାଣ୍ଟ କ୍ୟାପଟେନ ହିମାଂଶୁ ପୃଷ୍ଟି ଓ ଡେପୁଟି କମାଣ୍ଡାଣ୍ଟ କମାଣ୍ଡର ପ୍ରଦୀପ ବସାକ ପ୍ରମୁଖ ଉପସ୍ଥିତଥିଲେ।

### କବିତା ପୁସ୍ତକ ଅନାହତର ବଂଶୀ ଉନ୍ମୋଚିତ

**କଟକ ଅଫିସ, ୩୦।୧୧**

କବୟିତ୍ରୀ ସ୍ନେହଲତା ଦ୍ୱିବେଦୀଙ୍କ କବିତା ପୁସ୍ତକ 'ଅନାହତର ବଂଶୀ' କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ବୈଷ୍ଣବ ଚରଣ ସାମଲ ଏହାକୁ ଉନ୍ମୋଚନ କରିଥିଲେ। ଉତ୍କଳ ସାହିତ୍ୟ ସାମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ବକ୍ତାଭାବେ ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ କବି ଅଭିଷେକ ପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱମିତ୍ର ମିଶ୍ର ମାନପତ୍ର ପାଠ, ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ, କୁନଲତା ତ୍ରିପାଠୀ ବେଦମନ୍ତ୍ର ପାଠ ଓ ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

## ଗୋଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ

**କଟକ ଅଫିସ,୩୦।୧୧**

**ଘଟଣାର କ୍ରାଇମବ୍ରାଞ୍ଚ ଦାବି କଲା ଓଡ଼ିଶା ସୂଚନା ଅଧିକାର ଅଭିଯାନ**

କେନ୍ଦ୍ରାପଡା ଜିଲା ଆଳି ଅଓଠଳରେ ପୋଲିସ ଓ ଗୋ-ଚାଲାଣକାରୀଙ୍କ ମଧ୍ୟରେ ଭିତିରିଆ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପୋଲିସ ଗୋ-ଚାଲାଣକାରୀଙ୍କୁ ଧରିବା ବଦଳରେ ୩ଜଣ ସାମାଜିକ କର୍ମୀଙ୍କୁ ଗିରଫ କରି ଜେଲ ପଠାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ମହାନିରୀକ୍ଷକ(ମୁଖ୍ୟାଳୟ) ଏସ. ଦେବୀଦତ୍ତ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଗତ ୨୮ ତାରିଖ ବିଳମ୍ବିତ ରାତିରେ ଆଳି ଥାନା ଅଞ୍ଚଳରେ ଏକ ପିକ୍‌ଅପ୍ ଭ୍ୟାନରେ ଗୋ-ଚାଲାଣ ହେଉଥିଲା। ଖବରପାଇ ସାମାଜିକ କର୍ମୀ ଶୁଭାଶିଷ ଷଡ଼ଙ୍ଗୀ, ଦୁଷ୍ମନ୍ତ ଆଚାର୍ଯ୍ୟ ଓ ସଞ୍ଜୟ ବ୍ରହ୍ମା ଉକ୍ତ ଗାଡିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ତେବେ ଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋ-ଚାଲାଣକାରୀଙ୍କୁ ଧରିବା ପରିବର୍ତ୍ତେ କୋହଳ ମନୋଭାବ ଦେଖାଇଥିଲା। ଏପରି କି ପୋଲିସ ଜଣେ ସାମାଜିକ କର୍ମୀଙ୍କୁ ଥାନାକୁ ଆଣି ରାତିସାରା ଅଟକ ରଖିଥିଲା। ଅନ୍ୟପକ୍ଷରେ ଏହାର ପରଦିନ ଜଣେ ଗୋ-ଚାଲାଣକାରୀ ଅଭିଯୋଗ କରିଥିଲେ ଯେ, ମେଡିକାଲ ଯାଉଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କଠାରୁ ୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ବିନା ତଦନ୍ତରେ ଉକ୍ତ ୩ ଯୁବକଙ୍କୁ ଗିରଫ କରି ଜେଲ ପଠାଇଦେଲା। ମାତ୍ର ସମ୍ପୃକ୍ତ ଗୋ-ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ସହ ଗୋ-ଚାଲାଣକାରୀଙ୍କୁ ଥାନାଧିକାରୀ ସହଯୋଗ କରୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯାନ ପକ୍ଷରୁ ଦାବି ହୋଇଛି। ଏ ନେଇ ଆଳି ଥାନାଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ଦାବିପତ୍ର ପ୍ରଦାନ ସମୟରେ ସୂଚନା ଅଧିକାର ଅଭିଯାନର ସଦସ୍ୟ ପ୍ରତାପ ମହାନ୍ତି, ଦୀପକ ଚୌଧୁରୀ, ଜିତେନ୍ଦ୍ର ସାହୁ ଓ ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଆତଙ୍କବାଦୀଙ୍କୁ ଧରିଲା ପୋଲିସ

**କଟକ ଅଫିସ,୩୦।୧୧**

**କଟକ ରେଳ ଷ୍ଟେଶନରେ ମକ୍‌ଡ୍ରିଲ**

କଟକ ରେଳ ଷ୍ଟେଶନର ୫ ନମ୍ବର ପ୍ଲାଟଫର୍ମରେ ମଙ୍ଗଳବାର ଅପରାହ୍ନରେ କମିଶନରେଟ୍ ପୋଲିସ ପକ୍ଷରୁ ମକ୍‌ଡ୍ରିଲ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସ, ରେଳବାଇ ପୋଲିସ ଫୋର୍ସ, ସରକାରୀ ରେଳବାଇ ପୋଲିସ, ଡଗ୍ ସ୍କ୍ୱାଡ, ସ୍ପେଶାଲ ଟେକ୍ନିକାଲ ୟୁନିଟ୍, ବୋମା ନିଷ୍କ୍ରିୟକାରୀ ଦଳ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଭାଗନେଇଥିଲେ।

ଓଡ଼ିଶା ପୋଲିସର କର୍ମଚାରୀ ନକଲି ଆତଙ୍କବାଦୀର ଅଭିନୟ କରିଥିଲେ। ଉଭୟ ନକଲି ଆତଙ୍କବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଉଭୟ ପକ୍ଷ ଆହତ ହୋଇଥିଲେ। ପରେ ଓଡ଼ିଶା ପୋଲିସ କର୍ମଚାରୀ ଫାଙ୍କା ଗୁଳିଚାଳନା କରି ନକଲି ଆତଙ୍କବାଦୀଙ୍କୁ କାବୁ କରିଥିଲେ। ସେହିପରି ବୋମାକୁ ଉଦ୍ଧାର କରି ନିଷ୍କ୍ରିୟ କରାଯାଇଥିଲା। ଆହତମାନଙ୍କୁ ଫାଷ୍ଟଏଡ୍ ଯୋଗାଇ ଦିଆଯାଇଥିଲା। ଆଗାମୀ ଦିନରେ ଆତଙ୍କବାଦୀ ଆକ୍ରମଣ କଲେ କିପରି ଜନସାଧାରଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ, ସେନେଇ ଅଭ୍ୟାସ କରାଯାଇଥିଲା। ଏହିପରି ଭାବେ ବର୍ଷକୁ ୪ଥର କରାଯାଉଥିବା କଟକ ଡିସିପି ପ୍ରତୀକ୍ ସିଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଡିସିପି ସିଂଙ୍କ ସମେତ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମକ୍‌ଡ୍ରିଲ ଅନୁଧ୍ୟାନ କରିଥିଲେ।




କଟକ ରେଳଷ୍ଟେଶନରେ ଅନୁଷ୍ଠିତ ମକ୍‌ଡ୍ରିଲ୍।

### ସୁନାବେଡ଼ା, କୋରାପୁଟରେ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷଙ୍କ ସମୀକ୍ଷା

**ଭୁବନେଶ୍ୱର,୩୦।୧୧ (ବ୍ୟୁରୋ)**

ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ସୁନାବେଡ଼ା ଓ କୋରାପୁଟ ସଦର ମହକୁମା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ କୋରାପୁଟଗସ୍ତ କରି ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଦ୍ୱାରା ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ସୁନାବେଡ଼ା ଏବଂ କୋରାପୁଟଠାରେ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ଦ୍ୱାରା ନିର୍ମାଣ ଚାଲିଥିବା ଆଦର୍ଶ ଶ୍ମଶାନଗୁଡ଼ିକର କାର୍ଯ୍ୟ ବୁଲି ଦେଖିଥିଲେ। ଏଠାରେ କିଭଳି ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ସରିବ ସେନେଇ ପୌର କାର୍ଯ୍ୟକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ କୋରାପୁଟଠାରେ ନିର୍ମିତ ସ୍ମାର୍ଟ ପାର୍କ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ସୁନାବେଡ଼ା ଓ କୋରାପୁଟ ପୌରାଞ୍ଚଳର ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହି ଦୁଇଟି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଚିନ୍ମୟ କହିଛନ୍ତି।

## ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ସରକାରଙ୍କୁ ଚିଠି

**କଣ୍ଟାପଡା, ୩୦।୧୧(ଡି.ଏନ.ଏ.)**

**ଏସ୍‌ଭି ନିର୍‌ତାର**

କଟକ ଜିଲା ଓଲଟପୁରଠାରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଏସ୍‌ଭି ନିର୍‌ତାରକୁ ଏକ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ନିର୍‌ତାର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇଛନ୍ତି। ୬୦ନଂ. ରାଜ୍ୟ ରାଜପଥର ବାଇରୋଇ ବଜାର ନିକଟରୁ ନିର୍‌ତାର ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଥିଲା। ସେହିପରି ନିର୍‌ତାର ସମ୍ମୁଖ ରାସ୍ତା ବ୍ୟକ୍ତିଗତ ମାଲିକାନାରେ ଥିବାରୁ ମରାମତି ହୋଇ ପାରୁ ନ ଥିଲା। ଉକ୍ତ ରାସ୍ତାରେ ବଡ ବଡ ଖାଲ ଥିବାରୁ ବହୁ ସମୟରେ ଦିବ୍ୟାଙ୍ଗମାନେ ଟ୍ରାଇ ସାଇକେଲରେ ଯିବାବେଳେ ତଳେପଡି ଆହତ ହେଉଥିଲେ। ଅପରପକ୍ଷେ ନିର୍‌ତାର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କଲୋନୀ ଓ ନିର୍‌ତାର ଛାତ୍ରନିବାସକୁ ଉକ୍ତ ରାସ୍ତା ସଂଯୋଗ କରୁଥିବାରୁ ଯାତାୟାତ ପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ବ୍ୟକ୍ତିଗତ ମାଲିକାନାରେ ଥିବା ଉକ୍ତ ଜମିକୁ ସମ୍ପୃକ୍ତ ସହୃଦୟ ବ୍ୟକ୍ତି ରାଜ୍ୟ ସରକାରଙ୍କୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରିଥିବାରୁ ଏଠାରେ ରାସ୍ତା ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଯାଇଛି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ନିର୍‌ତାର କର୍ତ୍ତୃପକ୍ଷ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆନନ୍ଦିତ ହୋଇଛନ୍ତି। ସୂଚନାଯୋଗ୍ୟ, ଏସ୍‌ଭି ନିର୍‌ତାର ଏକ ଜାତୀୟ ସ୍ତରର ଅନୁଷ୍ଠାନ ହୋଇଥିବାବେଳେ ଏଠାକୁ ଭଲ ରାସ୍ତା ନ ଥିବାରୁ ବର୍ଷାଦିନେ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେଉଛି।

## ୩ରୁ ଅଫ୍‌ଲାଇନରେ ପଞ୍ଜୀକରଣ

**କଟକ ଅଫିସ,୩୦।୧୧**

**ପୁଣି ସୁଯୋଗ ଦେଲା ବୋର୍ଡ**

■ **ନବମ ଶ୍ରେଣୀ ସମେଟିଭ-୧ ପରୀକ୍ଷା**

ନବମ ଶ୍ରେଣୀ ସମେଟିଭ-୧ ପରୀକ୍ଷା ମଙ୍ଗଳବାର ଶେଷ ହୋଇଛି। ହେଲେ ଏଥିପାଇଁ ନାମ ପଞ୍ଜୀକରଣ କରି ନ ଥିବାରୁ ରାଜ୍ୟର ଶତାଧିକ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ତେବେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ନାମ ପଞ୍ଜୀକରଣ ପାଇଁ ସେମାନଙ୍କୁ ପୁଣିଥରେ ସୁଯୋଗ ଦିଆଯିବ। ଏଥିପାଇଁ ବୋର୍ଡ ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି। ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପଞ୍ଜୀକୃତ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ରୁ ୭ ତାରିଖ ମଧ୍ୟରେ ଏହି ପଞ୍ଜୀକରଣ ପ୍ରକ୍ରିୟା ଅଫ୍‌ଲାଇନରେ ହେବ। ସ୍କୁଲଗୁଡିକର ପ୍ରଧାନ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସମସ୍ତ ତଥ୍ୟ ସହ ଆବଶ୍ୟକ ପ୍ରମାଣପତ୍ର ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରି ପଞ୍ଜୀକରଣ କରିପାରିବେ। ପରବର୍ତ୍ତୀ ସମୟରେ ଏଥିପାଇଁ କୌଣସି ତାରିଖ ପରିବର୍ତ୍ତନ ହେବନାହିଁ। ଯଦି କୌଣସି ଛାତ୍ରୀଛାତ୍ର ଏହି ସମୟ ମଧ୍ୟରେ ପଞ୍ଜୀକରଣରୁ ବଞ୍ଚିତ ହୁଅନ୍ତି ତେବେ ସେମାନେ ଦଶମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ହେବେ। ସେମାନେ ଚାହିଁଲେ ପତ୍ର ବିନିୟମ ପାଠ୍ୟକ୍ରମରେ ନାମଲେଖାଇ ଦଶମ ଶ୍ରେଣୀ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି।

ଗତ ୨୬ ତାରିଖରୁ ତିନି ଦିନ ଧରି ଚାଲିଥିବା ଏହି ପରୀକ୍ଷା ଶେଷ ହେବା ପରେ ପ୍ରାୟ ୫୦ ପ୍ରତିଶତ ଛାତ୍ରୀଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାପଡିଥିଲା। ନୂତନ ମୂଲ୍ୟାଙ୍କନ ନୀତି ଅନୁଯାୟୀ, ଯଦି ଜଣେ ନବମ ଶ୍ରେଣୀ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକରଣ କରିନାହାନ୍ତି, ତା'ହେଲେ ସେ ମାଟ୍ରିକ ପରୀକ୍ଷା ଦେଇପାରିବେନାହିଁ । ଏଥିସହ ଯଦି ଛାତ୍ରୀଛାତ୍ର ନବମ ଶ୍ରେଣୀ ସମ୍ମେଟିଭ-୧ କିମ୍ବା ୨ର ମଧ୍ୟରୁ କୌଣସି ଗୋଟିଏ ପରୀକ୍ଷା ଦେଇ ନ ଥିବେ, ତା'ହେଲେ ସେ ଦଶମ ଶ୍ରେଣୀ ସମେଟିଭ-୧ ପାଇଁ ଫର୍ମପୂରଣ କରିପାରିବେ ନାହିଁ ।

### ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶ୍ୱଶୁର ଗିରଫ

**କଟକ ସଦର, ୩୦।୧୧(ଡି.ଏନ.ଏ.)**

କିଶନନଗର ଥାନା ଅନ୍ତର୍ଗତ ହୁଲିପୁର୍ ଗ୍ରାମର ଲିଲି ବେହେରା(୨୧) ନାମ୍ନୀ ବଧୂଙ୍କ ମୃତ୍ୟୁ ଘଟିଛି। ଯୌତୁକ ପାଇଁ ଶାଶୁଘର ଲୋକେ ହତ୍ୟା କରିଥିବା ଲିଲିଙ୍କ ବାପା ସ୍ଥାନୀୟ ଓଡ଼ିକିମିରା ଗ୍ରାମର ଅନନ୍ତ ଦାସ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ହତ୍ୟା ମାମଲା(ନଂ.୧୯୭/୨୧) ରୁଜୁ କରିବା ସହ ଲିଲିଙ୍କ ସ୍ୱାମୀ ବସନ୍ତ ବେହେରା ଓ ଶ୍ୱଶୁର ରବୀନ୍ଦ୍ର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୨୦୧୮ ଜୁନ୍ ୨୯ରେ ଲିଲିଙ୍କ ସହ ବସନ୍ତଙ୍କ ବିବାହ ହୋଇଥିଲା। ବିବାହ ପରେ ଶାଶୁଘର ଲୋକ ଯୌତୁକ ଦାବି କରି ଲିଲିଙ୍କୁ ନିର୍ଯାତନା ଦେଉଥିଲେ। ସୋମବାର ସନ୍ଧ୍ୟାରେ ଲିଲି ଶେଷଥର ପାଇଁ ବାପଘର ଲୋକଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ରାତି ୮ଟାରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କିଶନନଗର ପୋଲିସ ଏସ୍‌ସିବିରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ବେକରେ ଶାଢ଼ୀ ଲଗାଇ ଲିଲି ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ପୋଲିସ ଆଗରେ ବୟାନ ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସସ୍ମିତା ରଣା କହିଛନ୍ତି।

